## ଆରଆଇ କାର୍ଯ୍ୟାଳୟରୁ ଚୋରି; ୩ ଦିନ ହେଲା ବନ୍ଦ

**ରାଇରଙ୍ଗପୁର,୧୨।୨(ସମିସ):** ତିରିଂ ଥାନା ଅନ୍ତର୍ଗତ ଗିଦିଘାଟୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି ହେବା ପରେ ୩ ଦିନ ହେଲା ବନ୍ଦ ରହିଛି। ଫଳରେ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଗତ ୯ ତାରିଖ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଗିଦିଘାଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ତାଲା ଭାଙ୍ଗି ଜିନିଷପତ୍ର ଓ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସୋମବାର ଏହି ଘଟଣାକୁ ନେଇ ରାଜସ୍ୱ ନିରୀକ୍ଷକ ଝରାଡିହି ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟାଳୟରୁ ଏକ ଇନ୍‌ଭର୍ଟର, ବ୍ୟାଟେରୀ ଓ ୨୨ ଶହ ୬୦ ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ତେବେ ତଦନ୍ତ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ କାର୍ଯ୍ୟାଳୟ ବନ୍ଦ ରଖିବାକୁ ତିରିଂ ଥାନା ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ସି କହିଛନ୍ତି। ଫଳରେ ୩ ଦିନ ହେଲା କାର୍ଯ୍ୟାଳୟ ବନ୍ଦ ରହିଛି।

## ଟ୍ରାକ୍ଟର ଧକ୍କାରେ ସାଇକଲ ଆରୋହୀ ମୃତ

**କୁଆମରା,୧୨।୨(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଭୋଲାଗଡିଆଠାରେ ବୁଧବାର ଏକ ଟ୍ରାକ୍ଟର ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଭୋଲାଗଡିଆ ପଞ୍ଚାୟତ ବାଲିପାଳ ଗ୍ରାମର ଭଞ୍ଜ କିଶୋର ସରେନ (୫୫)। ସେ କୌଣସି କାମରେ ଆସୁଥିବା ବେଳେ ପଛପଟୁ ଏକ ଧାନ ବୋଝେଇ ଟ୍ରାକ୍ଟର ତାଙ୍କ ଉପରେ ମାଡି ଯାଇଥିଲା। ଫଳରେ ଭଞ୍ଜକିଶୋରଙ୍କ ମୃତ୍ୟୁ ଘଟିଥିଲା। ଚାଳକ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ଟ୍ରାକ୍ଟରକୁ ପୁଲିସ ଜବତ କରିଛି।

### ବହୁଚର୍ଚ୍ଚିତ ଶିକ୍ଷକ ଅପହରଣ ଘଟଣାର ପର୍ଦ୍ଦାଫାସ

# ୩୬ ଘଣ୍ଟା ପରେ ଉଦ୍ଧାରକଲା ପୁଲିସ; ୪ ଗିରଫ

**କରଞ୍ଜିଆ,୧୨।୨(ସମିସ):**



ବହୁ ଚର୍ଚ୍ଚିତ ଶିକ୍ଷକ ଅପହରଣର ପର୍ଦ୍ଦାଫାସ କରିଛି କରଞ୍ଜିଆ ପୁଲିସ। ପୁଲିସ ୩୬ ଘଣ୍ଟା ପରେ ତାଳଚେରରୁ ୪ ଅପହରଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ହେଲେ ତାଳଚେର ଥାନା କିଶୋରୀପାଳ ଗ୍ରାମର ସୌଭାଗ୍ୟ ଦାସ, ନାଲ୍‌କୋ ଥାନା ଅମାତପୁର ଗ୍ରାମର ବହ୍ମାନନ୍ଦ ନାଏକ, ତାଳଚେର ଥାନା ବଡ଼ଦାଣ୍ଡ ସାହିର ପ୍ରଭାତ କୁମାର ମହାନ୍ତି ଏବଂ ଜଣେ ନାବାଳକ। କରଞ୍ଜିଆ ପୁଲିସ ଶିକ୍ଷକ ରବୀନ୍ଦ୍ରନାଥ ସିଂଙ୍କୁ ଉଦ୍ଧାର କରିଛି। କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାରଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ ଆଜି ତାଳଚେରରୁ ୪ ଜଣଙ୍କୁ ଗିରଫ କରିବା ସହିତ ଏକ କାର୍‌କୁ ମଧ୍ୟ ଜବତ କରିଛି। ସଂପୃକ୍ତ ଶିକ୍ଷକଙ୍କୁ ଅନ୍‌ଲାଇନରେ କାରବାର ନେଇ ଅପହରଣ କରାଯାଇଥିଲା ବୋଲି ଉପଖଣ୍ଡ ପୁଲିସ ଅଧିକାରୀ କହିଛନ୍ତି। ଗତ ୧୦ ତାରିଖରେ ସେ ସ୍କୁଲରୁ ଫେରୁଥିବାବେଳେ ଏହି ୪ ଜଣ ଅପହରଣ କରି ନେଇଥିଲେ। ଏମାନେ କେନ୍ଦୁଝର ଦେଇ ତାଳଚେର ଜଙ୍ଗଲରେ ତାଙ୍କୁ ନିର୍ଯାତନା ଦେଇଥିବା ମଧ୍ୟ ଶ୍ରୀ ସିଂ ପ୍ରକାଶ କରିଛନ୍ତି। ଅପହରଣକାରୀମାନେ ପୂର୍ବରୁ ଠାକୁରମୁଣ୍ଡା ଅଞ୍ଚଳରୁ ଏକ ମହିଳାଙ୍କୁ ମଧ୍ୟ ଅପହରଣ କରିନେଇଥିଲେ। ଅପହରଣକାରୀ ଓ ଶିକ୍ଷକ ଓ ତାଙ୍କ ନେଟୱାର୍କ ବ୍ୟବସାୟର କେତେକ ସଦସ୍ୟ କେନ୍ଦୁଝର ସ୍ଥିତ ସାଗର ହୋଟେଲ୍‌ରେ ପ୍ରଥମ କରି ସାକ୍ଷାତ ହୋଇଥଲା। ପୂର୍ବରୁ ଅପହରଣକାରୀମାନେ ଶିକ୍ଷକଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେଲେ ଅପହରଣ କରିବାକୁ ମଧ୍ୟ ଚେତାବନୀ ଦେଇଥିଲେ। ଏପରିକି ଥାନାରେ ଖବର ଦେଲେ ପରିଣାମ ଭାୟଙ୍କର ହେବ ବୋଲି କହିଥିଲେ। ପୁଲିସ ଖବର ପାଇ ବିଭିନ୍ନ ଜାଗାରେ ଚଢଉ କରି ଏହି ସଫଳତା ପାଇଛି।

## ୪ ଆନ୍ତଃଜିଲ୍ଲା ବ୍ରାଉନ ସୁଗର ବେପାରୀ ଗିରଫ

**ବେତନଟୀ,୧୨।୨(ସମିସ):** ବଙ୍ଗଳାଛକ ଉପକଣ୍ଠ ପୁରୁଣା ଦମକଳକେନ୍ଦ୍ର ଛକରେ ଗତକାଲି ଚଢଉ କରି ବ୍ରାଉନ ସୁଗର, ନଗଦ ଟଙ୍କା ଓ ବାଇକ୍ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ରାଇରଙ୍ଗପୁର ଟାଉନଥାନା ଅଧୀନ ୧୪ନଂୱାର୍ଡ ଇଚିଣ୍ଡା ଗ୍ରାମର ଶତ୍ରୁଘ୍ନ ମାହାତୋଙ୍କ ପୁଅ ସଙ୍ଗମ ଓରଫ ପ୍ରତ୍ୟୁଷ ମାହାତୋ(୨୫) ଏବଂ ସେହି ଗ୍ରାମର ସ୍ୱର୍ଗତ ବସନ୍ତ ପୁହାଣଙ୍କ ପୁଅ ସୁମିତ ପୁହାଣ(୨୪), ବାଙ୍ଗିରିପୋଷି ଥାନା ଅଧୀନ ହାଣଦା ଗ୍ରାମର କେଦାରଚନ୍ଦ୍ର ବେହେରାଙ୍କ ପୁଅ ଶଙ୍କରା ଓରଫ ଶଙ୍କର୍ଷଣ ବେହେରା(୪୩) ଏବଂ ବାଲେଶ୍ୱର ସହର ଉପକଣ୍ଠ ସହଦେବଖୁଣ୍ଟା ଥାନା ଅଧୀନ ଅରଡବଜାର ଅଞ୍ଚଳର ସ୍ୱର୍ଗତ ମତଲବ ମଲ୍ଲିକଙ୍କ ପୁଅ ସୋନା ମଲ୍ଲିକ(୨୫)। ସୂଚନା ମୁତାବକ ରାଇରଙ୍ଗପୁର ଟାଉନଥାନା ଅଧୀନ ଇଚିଣ୍ଡା ଗ୍ରାମର ପ୍ରତ୍ୟୁଷ ଜଣେ ପେଶାଦାର ବ୍ରାଉନସୁଗର ବ୍ୟବସାୟୀ। ସେ ପୂର୍ବରୁ ଏହି ମାମଲାରେ ଗିରଫ ହୋଇ ହାଜତରେ ଥିବାବେଳେ କିଛିମାସ ପୂର୍ବରୁ ଜାମିନରେ ଆସି ପୁଣି ବେପାର ଆରମ୍ଭ କରିଥିଲା। ମଙ୍ଗଳବାର ଅନୁରୂପ ଭାବେ ଟ୍ରେନ ଯୋଗେ ଆସି ବେତନଟୀ ପୁରୁଣା ଦମକଳକେନ୍ଦ୍ର ଛକରେ ପହଞ୍ଚିଥିଲା। ପୂର୍ବରୁ ବ୍ରାଉନସୁଗର ଧରି ଛକି ରହିଥିବା ସୋନା ମଲ୍ଲିକ ସହିତ ଡିଲ ଚାଲିଥିବା ବେଳେ ବେତନଟୀ ପୁଲିସ ମାଡି ବସିଥିଲା। ଚଢଉ ସମୟରେ ୭୦ଗ୍ରାମ ଓଜନର ବ୍ରାଉନସୁଗର, ନଗଦ ୭୦ ହଜାର ଟଙ୍କା ଏବଂ ବାଇକ୍ ସମେତ ୨ଟି ମୋବାଇଲ ଜବତ କରାଯାଇଥିଲା। ଏହି ମାମଲାର ଅନ୍ୟତମ ଫେରାର ଅଭିଯୁକ୍ତ ଇଚିଣ୍ଡା ଅଞ୍ଚଳର ସୁମିତ ପୁହାଣକୁ ମଧ୍ୟ ଗିରଫ କରିବାରେ ସଫଳ ହୋଇଛି ବେତନଟୀ ପୁଲିସ। ସମସ୍ତ ଅଭିଯୁକ୍ତଙ୍କୁ ବାରିପଦାସ୍ଥିତ ବିଚାର ବିଭାଗୀୟ ଅହଜତକୁ ପଠାଇ ଦିଆଯାଇଛି।

## ଶରତ ବିକାଶ ମଞ୍ଚ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**ଶରତ,୧୨।୨(ସମିସ):** ବୁଧବାର ଶରତ ବିକାଶ ମଞ୍ଚ କାର୍ଯ୍ୟକର୍ତ୍ତାଙ୍କୁ ଲାବଣ୍ୟଦେଇପୁର ପଞ୍ଚାୟତ ଅନ୍ତ୍ୟୋଦୟ ଚେତନା ମଣ୍ଡଳର ସଂଯୋଜକ ପୀତାମ୍ବର ସାହୁ, ମଞ୍ଚର ସଭାପତି ଗାମାଏ ରୀମିଲ ସିଂ ଗୋଇପାଇଙ୍କୁ ଶରତ ଅଞ୍ଚଳର ଶତାବ୍ଦୀ ପୁରୁଷ ଉପାଧି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଭାରେ ଶରତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧକ୍ଷ ଭଗବାନ ପଣ୍ଡା ମଞ୍ଚର ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚ ସମ୍ପାଦକ କୁସୁନୁ ଗିଲୁଆ, ଉପସଭାପତି ଡୁବୁରାଜ ବଇପାଇ, ଶରତର ନାଏବ ସରପଞ୍ଚ ଦୁଲାରାମ ବାନାରା, ଯୁବନେତା ଜାମାଦାର ବାଲମୁଚୁ, ମହାନ୍ତି ଦେଓଗାମ, ଘନ ପାତ୍ର, ଅଜୟ ବିରୁଆ, ସିଦିଓ ଗୋଇପାଇ, ମାର୍ଶୂଆଲ ସିଂ, ମାଜୁରା ସୁମ୍ବୁରଇ, ଚନ୍ଦନ ପୂର୍ତ୍ତି, ମାଙ୍ଗିଲାଲ ଜଙ୍କ, ପ୍ରଦୀପ ସାମାଡ, କୁସୁନୁ ବାଲମୁଚୁ, ଦାନିଏଲ ଖୁଣ୍ଟିଆ, ଦାମୁ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକର ଶରତ ଅଞ୍ଚଳକୁ ଶରତ ବ୍ଲକ ମାନ୍ୟତା ଦାବିରେ ଗତ ୪ ତାରିଖରେ ମଞ୍ଚର ସଭାପତି ଗାମାଏ ରୀମିଲ ସିଂ ଗୋଇପାଇଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା। ପରେ ରାଜସ୍ୱ ବିଭାଗ ସଚିବ ମଧୁସ୍ମିତା ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ଆଗାମୀ ୬୦ରୁ ୯୦ ଦିନ ମଧ୍ୟରେ ଦାବି ପୂରଣ ହେବା ନିମନ୍ତେ ପ୍ରତିଶ୍ରୁତି ମିଳିଥିବା ପ୍ରକାଶ। ସୂଚନା ଥାଉ କି, ଶରତ, ରାଣୀପୋଖରୀ, ଦେୱାନବାହାଲି, ଲାବଣ୍ୟଦେଇପୁର, କଳମଗଡିଆ, ସରଡିହା, ରାମଚନ୍ଦ୍ରପୁର, ନୋଟ ଏବଂ ପଦ୍ମପୋଖରୀ ପଞ୍ଚାୟତକୁ ନେଇ ଶରତ ବ୍ଲକ ପ୍ରତିଷ୍ଠା ଦାବି କରିଛି ବିକାଶ ମଞ୍ଚ।

## ହୋ ସମାଜର ମାଗେ ପର୍ବ ଉଦ୍‌ଯାପିତ

**କରଞ୍ଜିଆ,୧୨।୨(ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଡ଼ଦେଉଳି ପଞ୍ଚାୟତ ସରଧାଠାରେ ଚାଲୁଥିବା ୩ ଦିନିଆ ମାଗେ ପରବ ବୁଧବାର ଉଦଯାପିତ ହୋଇଯାଇଛି। ଉଦଘାଟନ ଦିବସରେ ହୋ ସମାଜର ପାରମ୍ପରିକ ନାଚଗୀତରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଅତିଥିଭାବେ ସମାଜସେବୀ ସଚିଦାନନ୍ଦ ସାହା, ୱାର୍ଡ ମେମ୍ବର ସୁମିତ୍ରା ମୁଣ୍ଡା ଯୋଗଦେଇ ଆଦିବାସୀଙ୍କ ମାଗେ ପର୍ବକୁ କିପରି ଅଧିକ ଆକର୍ଷଣ କରାଯିବ ସେ ନେଇ ବକ୍ତବ୍ୟ ରଖିଥିଲେ। ସମାଜର ଭାଷା, ସଂସ୍କୃତି ଓ ପରମ୍ପରାକୁ ମାଗେ ପର୍ବ ମାଧ୍ୟମ ବଜାଇ ରଖିଥିବାରୁ କ୍ଲବର ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ସରଧା ୟୁଥ୍ କ୍ଲବର ସଭାପତି ଅକ୍ଷୟ ମୁଣ୍ଡା, ସମ୍ପାଦକ ସଂଜୟ ମୁଣ୍ଡା, ଶତ୍ରୁଘନ ମୁଣ୍ଡା, ବିଜୟ ମୁଣ୍ଡା, ମନମୋହନ ମୁଣ୍ଡା, ସୁରେନ୍ଦ୍ର ମହାନ୍ତ, ଗୋବିନ୍ଦ ମୁଣ୍ଡା, ସୁନୀଲ ନାଏକ, ଦୁର୍ଗା ମୁଣ୍ଡା, ଭରତ ନାଏକ, ଗଙ୍ଗା ମୁଣ୍ଡା, ରାକେଶ ହେମ୍ବ୍ରମ, ସିଂରାଜ ହେମ୍ବ୍ରମ, ସଜ୍ଜନ ମୁଣ୍ଡା, ଟୁନା ହେମ୍ବ୍ରମ୍, ରମେଶ ମହାନ୍ତି, ରଥ ମୁଣ୍ଡା, ସମରା ମୁଣ୍ଡା, ଶରତ ମୁଣ୍ଡା, ମନୋଜ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଉଦଯାପନୀ ଦିବସରେ ଅତିଥିଭାବେ ୱାର୍ଡ ମେମ୍ବର ସୁମିତ୍ରା ମୁଣ୍ଡା ସହିତ ସମାଜସେବୀ ସଚ୍ଚିଦାନନ୍ଦ ସାହା, କରଞ୍ଜିଆ ପ୍ରେସ କ୍ଲବର ସମ୍ପାଦକ କର୍ଣ୍ଣାର୍ଜୁନ ସାହା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ୟୁଥ କ୍ଲବର ଗଙ୍ଗା ମୁଣ୍ଡା ଧନ୍ୟବାଦ ଦେଇଥିଲେ।

## ସରକାରୀ ରେକର୍ଡରେ ଜାତି ତଥ୍ୟ ସଂଶୋଧନ ପାଇଁ ଦାବିପତ୍ର

**ମୋରଡା, ୧୨।୨(ସମିସ):** ମୋରଡା ବ୍ଲକ ଅଧୀନ ଭାଲିଆଡିହା ପଞ୍ଚାୟତର ଯୁବ ସମାଜସେବୀ ରାଜେନ୍ଦ୍ର ବିନ୍ଧାଣୀ ବୁଧୁବାର ତହସିଲଦାର ଦାୟିତ୍ୱରେ ଥିବା ବିଡ଼ିଓ ଅଣାକର ନାଏକ, ଭାଲିଆଡିହା ସରପଞ୍ଚ ସୌଦାମିନୀ ସିଂ ଏବଂ ଭାଲିଆଡିହା ପିଇଓଙ୍କୁ ସରକାରୀ ରେକର୍ଡରେ ନିଜ ଜାତି ବାବଦରେ ଭୁଲ ତଥ୍ୟ ରହିଥିବାରୁ ତାହାକୁ ସଂଶୋଧନ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଗ୍ୟାଜେଟର୍ସରେ ରାଜେନ୍ଦ୍ର ତଥା ତାଙ୍କ ପିତୃପୁରୁଷ ମାନେ କୋଲ୍‌ହାର ସମ୍ପ୍ରଦାୟର ବୋଲି ଉଲ୍ଲେଖ ରହିଥିବା ବେଳେ ଭୁବନେଶ୍ୱରସ୍ଥିତ ଜନଜାତି ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ଅନୁଷ୍ଠାନରେ ମଧ୍ୟ କୋଲ୍‌ହାର ସମ୍ପ୍ରଦାୟର ଲୋକେ ଆଦିବାସୀ ସମ୍ପ୍ରଦାୟର ବୋଲି ଉଲ୍ଲେଖ ରହିଛି; କିନ୍ତୁ କିଛି ସରକାରୀ ରେକର୍ଡରେ କୋଲ୍‌ହାର ସମ୍ପ୍ରଦାୟ ବାବଦରେ ଭୁଲ ଜାତି ଉଲ୍ଲେଖ ରହିଛି ସେ ଦାବି କରିଛନ୍ତି। ରାଜେନ୍ଦ୍ରଙ୍କ ପିତୃପୁରୁଷଙ୍କ ପୁରୁଣା ଖାତା ଆରଓଆର-୫୮ରେ ରାଜେନ୍ଦ୍ରଙ୍କ ଜାତି ବିନ୍ଧାଣୀ ବୋଲି ଉଲ୍ଲେଖ ରହିଛି; କିନ୍ତୁ ବିନ୍ଧାଣୀ ତାଙ୍କର ଉପନାମ (ସରନାମ) ଯାହାକି ସବିକ ରେକର୍ଡରେ ଥିବା ତଥ୍ୟ ଭୁଲ ବୋଲି ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟ ଏକ ଖାତା ରେ ଯଥା ସବିକ ଖାତା ନମ୍ବର-୧୯୨ରେ ତାଙ୍କର ଜାତି ବିହୀନ ବୋଲି ଉଲ୍ଲେଖ କରାଯାଇଛି। ତେଣୁ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଆସି ସମସ୍ତ ତଥ୍ୟ ସଂଗ୍ରହ କରି କୋଲୋହରାସ, ମୁଣ୍ଡା ଲୋହରା, ଖାଡୁଆ ବିନ୍ଧାଣି ସମ୍ପ୍ରଦାୟର ଲୋକଙ୍କୁ ଠିକ ଜାତି ପ୍ରମାଣପତ୍ର ପ୍ରଦାନ କରି ନ୍ୟାୟ ଦେବାକୁ ସେ ଅନୁରୋଧ କରିଛନ୍ତି। ପୂର୍ବରୁ ସେ ଜନଶୁଣାଣିରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମଧ୍ୟ ଅଭିଯୋଗ କରିଥିଲେ; କିନ୍ତୁ କୌଣସି ଫଳ ମିଳିନାହିଁ।

## ଆଦିବାସୀଙ୍କ ମାଘ ବୁରୁବଙ୍ଗା ପୂଜା ସଂପନ୍ନ



**ରାଇରଙ୍ଗପୁର,୧୨।୨(ସମିସ):** ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଗ୍ରାମପଞ୍ଚାୟତ ତାରଣା ଗ୍ରାମ ନିକଟ ହେନ୍ଦେବୁରୁ ପାହାଡରେ ଆଦିବାସୀଙ୍କ ମାଘ ବୁରୁବଙ୍ଗା ପୂଜା ସଂପନ୍ନ ହୋଇଛି। ହେନ୍ଦେବୁରୁ ପାହାଡ ସ୍ଥିତ ଜାହେରଥାନ ପୂଜାସ୍ଥଳରେ ଆଦିବାସୀ ସାନ୍ତାଳ ପରମ୍ପରା ଅନୁସାରେ ନାଏକ ବାବା'ଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପୂଜାପାଠ ସମ୍ପନ୍ନ ହୋଇଯାଇଛି। ପ୍ରକୃତି ପୂଜକ ଆଦିବାସୀଙ୍କ ଧର୍ମ ବିଶ୍ୱାସ ଅନୁସାରେ ଏହି ପାହାଡ ନାମରେ ନାମିତ ହେନ୍ଦେପାଟ୍ ଦେବତା ଅନ୍ୟାନ୍ୟ ପୂଜାରେ ମଧ୍ୟ ପୂଜା ପାଇଥାଆନ୍ତି। ତେବେ ପୂର୍ବରୁ ଧାର୍ଯ୍ୟ କରାଯାଇଥିବା ତିଥି ଅନୁସାରେ ଆଜି ତାରଣା, ହେଁସଡା ଓ ଜଜଗୋଡା ଗ୍ରାମବାସୀଙ୍କ ଉପସ୍ଥିତିରେ ନାଏକେ ବାବା ଧନୁ ଟୁଡୁ ଓ କୁଡାମ ନାଏକେ ସାଓନା ହେମ୍ବ୍ରମ ତଥା ବୁଡାନ ହେମ୍ବ୍ରମ ପୂଜାପାଠ କରିଥିଲେ। ପରେ ମାଝୀ ବାବା ବିକ୍ରମ ହେମ୍ବ୍ରମ ଓ ଗ୍ରାମ ନାଏକେ ବାବା ପଙ୍କଜ ହେମ୍ବ୍ରମ ତଥା ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସନ୍ତା ବର୍ଷ କିପରି ସୁରୁଖୁରୁରେ ପୂଜା ଅନୁଷ୍ଠିତ ହେବ ସେ ନେଇ ହେନ୍ଦେବୁରୁ ପାହାଡକୁ ସୁରକ୍ଷା ପ୍ରଦାନ କରାଯାଇଆସୁଛି। ହେନ୍ଦେବୁରୁ ପାହାଡକୁ ନିଆଁଦାଉରୁ ରକ୍ଷା କରିବା ସହିତ ଗ୍ରାମବାସୀଙ୍କ ପକ୍ଷରୁ ଆବଶ୍ୟକତା ଅନୁସାରେ ପ୍ରତିବର୍ଷ ଏଠାରେ ବୃକ୍ଷରୋପଣ କରାଯିବା ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ତାରଣା ମାଝୀବାବା ବିକ୍ରମ ହେମ୍ବ୍ରମ, ପଳସା ପିଡ ପାରଗାନା ଭାଗିରଥୀ ହାଁସଦା, ଗ୍ରାମ ନାଏକେ ପଙ୍କଜ ହେମ୍ବ୍ରମ, ଜଜଗୋଡା ପେସା ଗ୍ରାମସଭା ସଭାପତି ସୁରାଇ ସୋରେନ୍, ସୁରଧାନ ଟୁଡୁ, ଫାଗୁ ହାଁସଦା, ହେଁସଡା ପେସା ଗ୍ରାମସଭା ସଭାପତି ସାଲଖାନ ଟୁଡୁ, ବାସେତ୍ ମୁର୍ମୁ, ବାଡୁ ଟୁଡୁ ତଥା ବହଳଦା ବ୍ଲକ ପେସା ଗ୍ରାମସଭା ସଂଯୋଜକ ବସନ୍ତ ସାଣ୍ଡିଲ ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା ଜମା ପରେ ବି ମିଳିଲାନି ବିଦ୍ୟୁତ୍ ସଂଯୋଗ

**ରାଇରଙ୍ଗପୁର,୧୨।୨(ସମିସ):** ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଜଣେ ଗରିବ ପରିବାର ୩ ବର୍ଷ ହେଲା ଟଙ୍କା ଜମା କରିଥିଲେ ବି ଆଜିଯାଏ ସଂଯୋଗ ମିଳିନାହିଁ। ଫଳରେ ସେ ଏ ନେଇ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ସୂଚନା ଅନୁସାରେ, ବିଜାତଳା ବ୍ଲକ ଖନ୍ତ ଗ୍ରାମ ପଞ୍ଚାୟତ ବଧିଆକୁଦର ଗାଁର ଶିବକୁମାର ମହାନ୍ତ ଜଣେ ଗରିବ ଶ୍ରେଣୀର। ଦୀର୍ଘ ବର୍ଷହେଲା ତାଙ୍କ ଘରେ ବିଦ୍ୟୁତ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଂଯୋଗ ପାଇଁ ୨୦୨୧ ମସିହା ଅକ୍ଟୋବେର ୨୫ରେ ୪ ହଜାର ୬୪୧ ଟଙ୍କା ଜମା କରିଥିଲେ। ପରବର୍ତ୍ତୀ ସମୟରେ ସେ ବିଦ୍ୟୁତ କାର୍ଯ୍ୟାଳୟ କୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି; ତଥାପି ତାଙ୍କୁ ସଂଯୋଗ ମିଳିନାହିଁ। ବିଭାଗୀୟ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ବିଭିନ୍ନ ଆଳ ଦେଖାଇ ଶୀଘ୍ର ବିଦ୍ୟୁତ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାଙ୍କ ଘରକୁ ବିଦ୍ୟୁତ ସଂଯୋଗ ଦେଉନାହାନ୍ତି। ଇତିମଧ୍ୟରେ ୩ ବର୍ଷ ବିତିଗଲାଣି। ଏ ନେଇ ଶିବ କୁମାର ମହାନ୍ତ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ମଧ୍ୟ ଲିଖିତଭାବେ ଜଣାଇଛନ୍ତି; କିନ୍ତୁ କୌଣସି ଫଳ ମିଳୁନାହିଁ। ଶେଷରେ ସେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି।

## ଗୋରୁ ବୋଝେଇ ପିକଅପ୍ ଜବତ

**ମହୁଲଡିହା,୧୨।୨(ସମିସ):** ମହୁଲଡିହା ଥାନା ନଦା ସାତକୋଶିଆ ରାସ୍ତାର ଦ୍ୱାରଶୁଣୀ ଗେଟ୍ ନିକଟରୁ ଏକ ଗୋରୁ ବୋଝେଇ ପିକ୍‌ଅପ୍‌କୁ ପୁଲିସ ଜବତ କରିଛି। ଘଟଣାରୁ



ପ୍ରକାଶ ଯେ,୧୧ ତାରିଖ ସନ୍ଧ୍ୟାରେ ମହୁଲଡିହା ଥାନା ଅଧିକାରୀ ଅଶୋକ କୁମାର ପହି କର୍ମଚାରୀଙ୍କ ସହିତ ଦ୍ୱାରଶୁଣୀ ଗେଟ ନିକଟରେ ଜଗି ରହିଥିଲେ। ଆନନ୍ଦପୁର ଥାନା ଅନ୍ତର୍ଗତ ମୁଚିନ୍ଦା ହାଟରୁ ଏକ ପିକଅପରେ ୯ଟି ବଳଦକୁ ଅତି ଅମାନଷିକ ଭାବେ ବୋଝେଇ କରି ସାତକୋଶିଆ ପଟକୁ ଆସୁଥିବା ବେଳେ ଗାଡିକୁ ଅଟକାଇଥିଲେ। ପରେ ଗାଡିରୁ ବଳଦକୁ ଉଦ୍ଧାର କରି କରଞ୍ଜିଆ ଗୋଶାଳାକୁ ପଠାଇ ଦେଇଥିବା ଥାନା ଅଧିକାରୀ କହିଛନ୍ତି। ଏ ନେଇ ମହୁଲଡିହା ଥାନାରେ ଏକ ମାମଲା ରୁଜୁ ହେବା ସହିତ ବୁଧବାର ମୁଚିନ୍ଦା ଗ୍ରାମର ଡ୍ରାଇଭର ଗୋବିନ୍ଦ ସାହୁକୁ କୋର୍ଟଚାଲାଣ କରାଯାଇଛି।

## ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ପାଳିତ

**ମୋରଡା,୧୨।୨(ସମିସ):** ମୋରଡ଼ା ବ୍ଲକ ଅନ୍ତର୍ଗତ ଚିତ୍ରଡା ମଣ୍ଡଳର ହଳଦୀପାଳଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ବିଜେପି କର୍ମୀମାନେ ପାଳନ କରିଛନ୍ତି। ଚିତ୍ରଡା ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ମଣ୍ଡଳସ୍ତରୀୟ ସମସ୍ତ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କର ଜୀବନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସବିତା ଜେନା, ପ୍ରଶାନ୍ତ ପାଟବନ୍ଧା, ରଞ୍ଜିତ ରାଉତ, ତପନ ତାପସ ସିଂହ, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରକାଶ ଜେନା, ରାୟ ବାହାଦୁର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁବ ସଭାପତି ଛତିଶ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ସିଏଏମ୍‌ର ୨୬ତମ ବାର୍ଷିକ ଉତ୍ସବ

**ବାରିପଦା, ୧୨।୨(ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ)ର ୨୬ତମ ବାର୍ଷିକ ଉତ୍ସବ ଅଧକ୍ଷ ପ୍ରଫେସର୍ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରକାଶ ସୋରେନ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିବାକୁ ସକ୍ଷମ ଏହି ମହାବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧକ୍ଷା ଡ଼ ପୁଷ୍ପାରାଣୀ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କର କାର୍ଯ୍ୟ ଦକ୍ଷତା ଓ ଶୃଙ୍ଖଳିତ କାର୍ଯ୍ୟ ପ୍ରଣାଳୀକୁ ସାଧୁବାଦ୍ ଜଣାଇଥିଲେ। ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ତଥା ଶ୍ରୀ ରାମଚନ୍ଦ୍ର ଭଞ୍ଜ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷା ଡ଼ ଅସୀମା ସାହୁ ସମ୍ମାନିତ ଅତିଥି ଏବଂ ଅନ୍ୟତମ ସମ୍ମାନିତ ଅତିଥି ତଥା ସିନିୟର୍ କଷ୍ଟ ଆକାଉଣ୍ଟାଣ୍ଟ ଆଶୁତୋଷ ପାଣିଗ୍ରାହୀ ଯୋଗଦେଇଥିଲେ। ମୟୂରଭଞ୍ଜର ଭୂମିପୁତ୍ର ତଥା ଓଡ଼ିଶାର ଜଣେ କଳା ସଂସ୍କୃତିର ପୂଜାରୀ ତଥା ବିଶିଷ୍ଟ ଚଳଚ୍ଚିତ୍ର




ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ପରିଚାଳନା ସମିତି ସଭାପତି କିଶୋର ଦାଶ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଅଧ୍ୟାପିକା ତୃପ୍ତି ଦାସଙ୍କୁ ବର୍ଷର ସର୍ବଶ୍ରେଷ୍ଠ ଅଧ୍ୟାପିକା, ସ୍ନାତକ ଶ୍ରେଣୀର ଶେଷ ବର୍ଷର ଶିକ୍ଷା ବିଭାଗର ଛାତ୍ରୀ ସିମ୍ରମ୍ ଶର୍ମାଙ୍କୁ ବର୍ଷର ବେଷ୍ଟ ଏନଏସଏସ ସ୍ୱେଚ୍ଛାସେବୀ ଏବଂ ଶେଷ ବର୍ଷର ଛାତ୍ରୀ ଆରତୀ ମାଝିଙ୍କୁ ବର୍ଷର ସର୍ବଶ୍ରେଷ୍ଠ ଛାତ୍ରୀ, ଆଶିଷ ଦାସଙ୍କୁ ବର୍ଷର ସର୍ବଶ୍ରେଷ୍ଠ କର୍ମଚାରୀ ଭାବରେ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ସ୍ନାତକୋତ୍ତର ଶ୍ରେଣୀର ଶେଷ ବର୍ଷର ଛାତ୍ର ରିଶିରାଜ୍ ଆଚାର୍ଯ୍ୟ ମିଷ୍ଟିର ଏମସିଏମ୍ ଏବଂ ଶିକ୍ଷା ବିଭାଗର ସ୍ନାତକ ଶ୍ରେଣୀର ଶେଷ ବର୍ଷର ଛାତ୍ରୀ ସିମ୍ରନ ଶର୍ମା ମିସ୍ ଏମସିଏମ୍ ଭାବେ ମୋନନୀତ ହୋଇ ମୁକୁଟ ପିନ୍ଧିଥିଲେ। ମହାବିଦ୍ୟାଳୟର ଉପାଧକ୍ଷ ସଂଘମିତ୍ରା ରାଉତ ବାର୍ଷିକ ବିବରଣୀ ବିବରଣୀ ପାଠ କରିଥିଲେ ଓ ଅଧ୍ୟାପିକା ମୀରା ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

■ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର

# ଉପରବେଡ଼ା ଜାହେର୍ ଉନ୍ନତିକରଣ କାମ ଆରମ୍ଭ



**ରାଇରଙ୍ଗପୁର,୧୨।୨(ସମିସ):**

ଉପରବେଡା ଗାଁରେ ଦୀର୍ଘ ଦଶନ୍ଧିରୁ ଅବହେଳିତ ରହିଥିବା ସାନ୍ତାଳୀମାନଙ୍କ ପୂଜାସ୍ଥଳୀ ଜାହେର୍‌ର ଉନ୍ନତିକରଣ ନେଇ ଏକ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର ହୋଇଉଠିଛି। ଜାହେରର ନିର୍ମାଣ କାମ ଆରମ୍ଭ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସି ଦେଖାଯାଇଛି। ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟଙ୍କ ପୂଜାସ୍ଥଳକୁ ଜାହେର୍ ଏବଂ ଠାକୁରଙ୍କୁ ଜାହେର୍ ଆୟୋ କୁହାଯାଏ। ଜାହେରଗୁଡିକର ଉନ୍ନତିକରଣ, ପାଚେରି, ତାରବାଡ଼ ନିର୍ମାଣ ପରି ବିକାଶ ମୂଳକ କାର୍ଯ୍ୟ ହୋଇଥିବା ବେଳେ ବାମନଘାଟି ଉପଖଣ୍ଡର ଐତିହାସିକ ଗାଁ ଉପରବେଡା ଜାହେର୍ ଦୀର୍ଘ ଦଶନ୍ଧି ହେଲା ଅବହେଳିତ ଅବସ୍ଥାରେ ରହିଥିଲା। ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ଅଞ୍ଚଳର ଐତିହାସିକ ଗାଁ ରୂପେ ଉପରବେଡା ପରିଚିତ। ଏହି ଗାଁ ମାଟିରେ ସାନ୍ତାଳୀ ସଂପ୍ରଦାୟର ଲୋକେ ରାଜ୍ୟ ସହିତ ଦେଶ ପାଇଁ ଗୌରବ ଆଣିଛନ୍ତି। ବର୍ତ୍ତମାନ ଉପରବେଡା ଗାଁର ୩ ଜଣ ଜିଲ୍ଲାପରିଷଦ ପୁତୁଳ ହାଇବୁରୁ, ସରପଞ୍ଚ ଜମୁନା ହେମ୍ବ୍ରମ ଏବଂ ପଞ୍ଚାୟତ ସମିତି ସଭ୍ୟା ଧନମଣି ବାସ୍କେ ଅଞ୍ଚଳର ବିକାଶ ପାଇଁ ମଙ୍ଗ ଧରିଛନ୍ତି। କିନ୍ତୁ ଉପରବେଡା ଗାଁରେ ସାନ୍ତାଳୀ ସମ୍ପ୍ରଦାୟ ଲୋକଙ୍କ ଜାହେର୍ ସମ୍ପୂର୍ଣ୍ଣଭାବେ ଅବହେଳିତ ଅବସ୍ଥାରେ ରହିଥିଲା। ରାଷ୍ଟ୍ରପତିଙ୍କ ନିର୍ବାଚନ ସମୟରେ ଉପରବେଡା ଗ୍ରାମବାସୀ ଗାଁ ଜାହେର୍‌କୁ ଯାଇ ଜାହେର୍ ଆୟୋ ପାଖରେ ଦ୍ରୌପଦୀ ମୁର୍ମୁଙ୍କୁ ବିଜୟ ପାଇଁ ପୂଜାର୍ଚ୍ଚନା କରିଥିଲେ ଏବଂ ସେମାନଙ୍କ ପୂଜା ସଫଳ ହୋଇଥଲା। ବିଗତ କିଛି ଦିନ ପୂର୍ବରୁ ଉପରବେଡା ଗାଁ ଜାହେର୍ ଅବହେଳିତ ଅବସ୍ଥାରେ ରହିଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶିତ ହେବା ପରେ ପ୍ରଶାସନ ତତ୍ପର ହୋଇ ଉଠିଥିଲା। ପ୍ରଶାସନ ପକ୍ଷରୁ ଜାହେର୍ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।



## ଭାଲେଣ୍ଟାଇନ୍ସ ସପ୍ତାହ ପାଇଁ ଗୋଲାପ ଦର ଆକାଶଛୁଆଁ

**ବାରିପଦା, ୧୨।୨(ସମିସ):** ପ୍ରେମୀଯୁଗଳଙ୍କ ପ୍ରେମ ସପ୍ତାହ ଭାଲେଣ୍ଟାଇନ୍ ଆରମ୍ଭ ହୋଇଯାଇଛି। ପ୍ରିୟବ୍ୟକ୍ତି ପ୍ରତି ଆନୁଗତ୍ୟ ତଥା ପ୍ରେମ ପ୍ରକାଶ କରିବା ପାଇଁ ଏହି ସପ୍ତାହକୁ ପାଳିତ ହୋଇଥାଏ। ବିଶେଷ କରି ଯୁବପିଢ଼ି ଫେବୃଆରୀ ୧୪ ପର୍ଯ୍ୟନ୍ତ ଏହାକୁ ଉତ୍ସାହର ସହ ପାଳନ କରିଥାନ୍ତି। ଭାଲେଣ୍ଟାଇନ୍ ସପ୍ତାହରେ ଗୋଲାପ ଫୁଲର ଚାହିଦା ବୃଦ୍ଧି ପାଇଛି। ବଜାରରେ ଦା ଆକାଶଛୁଆଁ ହୋଇଛି। ବାରିପଦା ସହରରେ ଫୁଲ ଦୋକାନ ସାଙ୍ଗକୁ ଜୁବିଲ ପାର୍କ, ଗାନ୍ଧୀ ପାର୍କ, ବିଜୁ ପଟ୍ଟନାୟକ ପାର୍କ ସମେତ ରେଷ୍ଟୁରାଣ୍ଟରେ ଯୁବପିଢ଼ିଙ୍କ ଭିଡ ଲାଗି ରହିଥିଲା। ପ୍ରିୟ ପରିଜନ ଓ ପ୍ରେମୀମାନେ ବିଭିନ୍ନ ହୋଟେଲ, ସିନେମା ହଲରେ ଏକାଠି ହୋଇ ଗୋଲାପ ଫୁଲ ଆଦାନପ୍ରଦାନ ମଧ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଭାଲେଣ୍ଟାଇନ୍ ସପ୍ତାହରେ ବିଗତ ବର୍ଷ ତୁଳନାରେ ଭଲ ଗୋଲପ ଫୁଲ ବ୍ୟବସାୟ ହୋଇଛି। ସେପଟେ ଭାଲେଣ୍ଟାଇନ୍ ସପ୍ତାହରେ ଗୋଲପ ଫୁଲର ଚାହିଦା ଅଧିକ ଥିବାରୁ ବ୍ୟବସାୟୀ ଅନ୍ୟଦିନ ଅପେକ୍ଷା ଚଢ଼ା ଦରରେ ବିକ୍ରି କରୁଛନ୍ତି। ଗୋଲାପ ଫୁଲ ଗୋଟାକୁ ପ୍ରାୟ ୫୦ରୁ ଆରମ୍ଭ କରି ୫୦୦/୬୦୦ଟଙ୍କା ଯାଏ ବିକ୍ରି ହେଉଛି। ଶୁକ୍ରବାର ଭଲେଣ୍ଟାଇନ ଡେ ପାଇଁ ଏହାର ଦର ଆହୁରି ଅଧିକ ରହିବ ବୋଲି ବ୍ୟବସାୟୀ କହିଛନ୍ତି।



### ଗାଁସାଥୀଙ୍କୁ ଠକିଦେଲେ ବିଜେପି ସରକାର; କାମ ଦେଲାନି ନିର୍ବାଚନୀ ପ୍ରତିଶ୍ରୁତି

# ସ୍ଥାୟୀ ନିଯୁକ୍ତି ଓ ପ୍ରୋତ୍ସାହନ ରାଶି ଦାବିରେ ଗଣଧାରଣା



**ବାରିପଦା, ୧୨।୨(ସମିସ)**

ସାଧାରଣ ନିର୍ବାଚନ ପୂର୍ବରୁ ଗାଁସାଥୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା ବିଜେପି। ଏବେ ବାରମ୍ବାର ଏ ନେଇ ଅଭିଯୋଗ କଲେ ମଧ୍ୟ ସ୍ଥାୟୀ ନିଯୁକ୍ତି ଏବଂ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ଦାବି ପୂରଣ ହେଉନାହିଁ; ଯାହାକୁ ନେଇ ଗାଁସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଆହ୍ୱାନକ୍ରମେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଜିଲ୍ଲା ସଂଯୋଜକ ଦୀନବନ୍ଧୁ ମହାନ୍ତ ଓ ଆବାହକ ସୁନାରାମ ବେଶ୍ରାଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଗାଁସାଥୀ ଧାରଣା ଦେଇଥିଲେ। ଗାଁସାଥୀଙ୍କ ବୟସ କୋହଳ ସହିତ +୨ ଉପରକୁ ଶିକ୍ଷାଧାରୀଙ୍କୁ ସ୍ଥାୟୀ ନିଯୁକ୍ତି ଓ +୨ ତଳକୁ ସର୍ବନିମ୍ନ ମାସିକ ୧୨ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ ଦାବି ହୋଇଛି। ଏ ନେଇ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ୧୧ ଜଣ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାର ସମସ୍ତ ପଞ୍ଚାୟତ, ବ୍ଲକରୁ ଆସିଥିବା ଗାଁସାଥୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବେଆଇନଭାବେ ମେଟ୍‌ଙ୍କୁ ହଟାଇବା, ବେଆଇନ ଏନ୍‌ଏମ୍‌ଏମ୍‌ଏସ୍ ରଦ୍ଦ, ମନରେଗାର ଲାଇନ୍ ଡିପାର୍ଟମେଣ୍ଟ କାର୍ଯ୍ୟରେ ଲିଗାଲ୍ ଗାଁସାଥୀଙ୍କୁ ପ୍ରାପ୍ୟ ସହିତ ମୁତୟନ ଇତ୍ୟାଦି ଦାବି ପୂର୍ବରୁ କରାଯାଇଥିଲା। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ସରକାରରେ ବିରୋଧ ଦଳର ମୁଖ୍ୟ ସଚେତକ ଥିବାବେଳେ ବିଧାନସଭା ଭିତରେ ଓ ଗଣମାଧ୍ୟମ ଆଗରେ ଗାଁସାଥୀଙ୍କ ମାସିକ ପ୍ରୋତ୍ସାହନ ରାଶି ୧ ହଜାରରୁ ଉର୍ଦ୍ଧ୍ୱ ଦେବାକୁ ଦାବି ଉପସ୍ଥାପନ କରିଥିଲେ। କିନ୍ତୁ ବିଜେପି ସରକାର ହେବା ପରେ ଦାବି ପୂରଣ କରିବାକୁ ପଛଘୁଞ୍ଚା ଦେଉଛି ବୋଲି ଅଭିଯୋଗ କରିଛନ୍ତି। ସେହିପରି ବିଜେପି ଇସ୍ତାହାରରେ ଗାଁସାଥୀଙ୍କ ପ୍ରସଙ୍ଗ, ୨୦୧୬ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗାଁସାଥୀଙ୍କ ମାସିକ ପ୍ରୋତ୍ସାହନର ଚିଠି ଏବଂ ଏମ୍‌ଓଆରଡି ତରଫରୁ ଗାଁସାଥୀଙ୍କ ଦରମା ପ୍ରମୋସନ ଓ ପ୍ରୋତ୍ସାହନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଦାବି ପୂରଣ ନେଇ ମୌଖ୍ୟକ ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ତାହାକୁ ପୂରଣ କରାଯାଇନାହିଁ। ପ୍ରତିଶ୍ରୁତି ଅନୁଯାୟୀ ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଗଣଧାରଣାରେ ଆନ୍ତ ମୁର୍ମୁ, କରୁଣାକର କିସ୍କୁ, ବାସନ୍ତୀ ସୋରେନ, ସରସ୍ୱତୀ ସୋରେନ, ଚୁଡାମଣି ସିଂ, ସାଗର ହେମ୍ବ୍ରମ, ଗୁରୁଚରଣ ସିଂ ସମେତ ବହୁ ଗାଁସାଥୀ ଉପସ୍ଥିତ ଥିଲେ।

## ୧୮ ରୁ ଓସ୍‌ମା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନ ଜିଲ୍ଲାରେ କାର୍ଯ୍ୟରତ ଅସ୍ଥାୟୀ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ଏବଂ ଜିଲ୍ଲା ସଂଯୋଜକ (ଏମ୍‌ସି)ମାନେ ସ୍ଥାୟୀ ନିଯୁକ୍ତି ଦାବିରେ ଆସନ୍ତା ୧୮ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଧାରଣା ଦେବା ନେଇ ଓସମା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ଓ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାର ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ଜିଲ୍ଲା ସଂଯୋଜକ ଭାବେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଦୀର୍ଘ ୧୪ବର୍ଷ ହେଲା କାମ କରୁଛନ୍ତି। ସ୍ଥାୟୀ ନିଯୁକ୍ତି ଦାବିରେ ବହୁବାର ରାଜ୍ୟ ସରକାରଙ୍କୁ ଦାବି ଜଣାଇଛନ୍ତି; ହେଲେ କୌଣସି ଫଳ ମିଳୁନାହିଁ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଆସନ୍ତା ୧୮ରୁ ବିଧାନସଭା ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଦାବିପତ୍ର ସମୟରେ ରାଜ୍ୟ ସଭାପତି ଗୋପାଳ ପଣ୍ଡା, ରାଜ୍ୟ ସମ୍ପାଦକ ମାନସ ରଂଜନ କର ପ୍ରମୁଖ ଉପସ୍ଥିତ ଥିଲେ।



### ଭୁଗୁଡାକଟା ଅଙ୍ଗନବାଡ଼ି ସମସ୍ୟା ସମାଧାନରେ ବିଳମ୍ବ

# କେନ୍ଦ୍ରରେ ତାଲା ପକାଇଲେ ମହିଳା



**ବାରିପଦା, ୧୨।୨(ସମିସ):** ବାରିପଦା ପୌର ପରିଷଦର ଭୁଗୁଡାକଟା ଅଙ୍ଗନବାଡି କେନ୍ଦ୍ର ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। କେନ୍ଦ୍ରର ସମସ୍ୟା ସମାଧାନରେ ବିଳମ୍ବ ଘଟିବାରୁ ବୁଧବାର ମହିଳାମାନେ ତାଲା ପକାଇ ଦେଇଛନ୍ତି। କେନ୍ଦ୍ରରେ ସହକର୍ମୀଙ୍କୁ ବେଆଇନ ଭାବେ ନିଯୁକ୍ତି ଓ ଅବ୍ୟବସ୍ଥା ନେଇ ପୂର୍ବରୁ ହୋଇଥିବା ଅଭିଯୋଗର କୌଣସି ସମାଧାନ ନ ହେବାରୁ ଅଞ୍ଚଳର ମହିଳାମାନେ ବାଧହୋଇ ଆଜି ତାଲା ପକାଇବା ସହିତ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଭୁଗୁଡାକଟା ଅଙ୍ଗନବାଡି କେନ୍ଦ୍ର-୨ର କର୍ମୀ ଶିବାନୀ ହାଁସଦା ହରିଜନ ଶିଶୁଙ୍କୁ ଅବହେଳା କରୁଛନ୍ତି। ଶିଶୁଙ୍କୁ ଗାଳିଗୁଲଜ ମଧ୍ୟ କରୁଛନ୍ତି। ଶିଶୁମାନେ ୫ ମିନିଟ ବିଳମ୍ବରେ ଆସିଲେ ପ୍ରବେଶ କରିବାକୁ ନ ଦେଇ ଘରକୁ ପଠାଇ ଦେଉଛନ୍ତି। ଅଙ୍ଗନବାଡି କେନ୍ଦ୍ର ତାଙ୍କ ଘରେ ହୋଇଥିବାରୁ ହରିଜନ ସମ୍ପ୍ରଦାୟର ପିଲାଙ୍କୁ ଘରେ ପ୍ରବେଶ କରିବାକୁ ଦେଉନଥିବା ଅଭିଯୋଗ କରିଛନ୍ତି। ଅଭିଭାବକଙ୍କ ସହ କୌଣସି ବୈଠକ ମଧ୍ୟ କରୁନାହାନ୍ତି। ଶିଶୁଙ୍କ ଚିକିତ୍ସା ପାଇଁ ଡାକ୍ତର ଆସିଲେ ବି ସେ ସୂଚନା ଦେଉନାହାନ୍ତି। ଶିଶୁ ଓ ପ୍ରସୂତିଙ୍କ ସରକାରୀ ଅଣ୍ଡା ମଧ୍ୟ ପ୍ରଦାନ କରୁନାହାନ୍ତି। ଅଣ୍ଡା ଦର ବଢ଼ିଛି ସରକାର ଅଧିକ ଟଙ୍କା ଦେଉନାହାନ୍ତି। ତେଣୁ ଅଣ୍ଡା ଦିଆଯିବ ନାହିଁ ବୋଲି କହୁଛନ୍ତି। ଉକ୍ତ ଅଙ୍ଗନବାଡି ସହକର୍ମୀ ପଦ ଆଦିବାସୀ ଜନଜାତି ବର୍ଗ ପାଇଁ ସଂରକ୍ଷିତ ଥିବାବେଳେ ସାଧାରଣ ବର୍ଗର ଅପରାଜିତା ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି।

ଏ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ; କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା; ଯାହାକୁ ନେଇ ଭୁଗୁଡାକଟା ହରିଜନ ସାହିର ଅନେକ ମହିଳା ଆଜି ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇଦେଇଥିଲେ। ଖବର ପାଇ ଭଞ୍ଜପୁର ଥାନା ପୁଲିସ ଓ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିଥିଲେ। ମିଳିତ ବୈଠକ କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ମହିଳାମାନେ ତାଲା ଖୋଲଥିଲେ। ତୁରନ୍ତ ସ୍ଥାୟୀ ସମାଧାନ ନହେଲେ ଆଗକୁ ଆନ୍ଦୋଳନ ଜାରି ରହିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

## ସଦ୍‌ଭାବନା ସମିତିର ୫୫୦ତମ ସନ୍ଥ ଦିବସ



**ବାରିପଦା, ୧୨।୨(ସମିସ):** ସଦ୍‌ଭାବନା ସମିତିର ୫୫୦ତମ ମାସିକ ସନ୍ଥ ଦିବସ ମାଘପୂର୍ଣ୍ଣମୀ ତିଥିରେ ମଧୁବନବାରୁଣେଶ୍ୱର ସଭା କକ୍ଷରେ ଅବସରପ୍ରାପ୍ତ ପ୍ରାଚାର୍ଯ୍ୟ ଦାମୋଦର ପତିଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସ, ଶ୍ରୀମା'ଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସବୁବାଣୀ ମତେ ମୁନିଋଷିଙ୍କ ପ୍ରାଚ୍ୟ ସଭ୍ୟତାରେ କଳା ନାମରେ ଅଶ୍ଳୀଳତା, ସତ୍ ସାହିତ୍ୟ ବଦଳରେ ବ୍ୟକ୍ତିଗତ ସାହିତ୍ୟ ଚାଷକୁ ପ୍ରାଧାନ୍ୟ, ଭୋଗବାଦୀ ସଂସ୍କୃତି ସମାଜ ବିନାଶର ଛାଇ ବୋଲି ପ୍ରସଙ୍ଗ ରଖାଯାଇଥିଲା। ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି କଳା ଅଶ୍ଳୀଳତାର ଝଲକ୍ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ସୁସାହିତ୍ୟକୁ ବାଦ୍ ଦେଇ ସାହିତ୍ୟ ଚାଷ ସାମାଜିକ ଉପଚାର ନୁହେଁ, ସଂସ୍କୃତି ନାମରେ ଜୀବନ ଶୈଳୀକୁ ରଙ୍ଗୀନ୍ କରି ଆତ୍ମଗ୍ଲାନିରେ ପରାସ୍ତ ସଙ୍ଗୀନ୍‌ମାନଙ୍କ ପାଇଁ ସମାଜ ଉଜୁଡି ଯାଉଛି। ତେବେ ସମାଜର ପ୍ରକୃତ ମୁଣ୍ଡିଆଳମାନେ ଏ ସବୁ ବିରୋଧରେ ପ୍ରତିବାଦର ପ୍ରତିଭୂ ସାଜି ସୁଧାମୟ ସଞ୍ଜୀବନୀ ବୁଟୀର ଶୁଭଗ ସମନ୍ୱୟ ହେବାକୁ ପ୍ରବକ୍ତାମାନେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବିବେକାନନ୍ଦ କେନ୍ଦ୍ରର ସହର ସଞ୍ଚାଳକ ସନ୍ଦିପ କୁମାର ଚାନ୍ଦ, ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ପ୍ରଜାପିତାର ଭଉଣୀ ବ୍ରହ୍ମ କୁମାରୀ ମାମୁନି, ଖାଲସାପନ୍ଥର ସର୍ଦ୍ଦାର ହରଚରଣ ସିଂ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ଯୋଗେନ୍ଦ୍ର ପଣ୍ଡା, କୁଞ୍ଜବନ ପୃଷ୍ଟି, ସଦସ୍ୟ ରଘୁନାଥ ପଣ୍ଡା, ରବୀନ୍ଦ୍ର ନାଥ ନାୟକ ଓ ଅଶୋକ କୁମାର ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ସତ୍ୟାନନ୍ଦ ସେଜପଡା କାର୍ଯ୍ୟକ୍ରମ ପରିଚାଳନା ଓ ସହ ସମ୍ପାଦକ ଇଂ ସରୋଜ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଭାରତୀୟ ମାନକ ବ୍ୟୁରୋ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

## ପଦାର୍ଥର ଶୁଦ୍ଧତା ଓ ମାନ ଜାଣିବା ଜରୁରି

**ବାରିପଦା, ୧୨।୨(ସମିସ):** କେନ୍ଦ୍ର ଉପଭୋକ୍ତା ବ୍ୟାପାର ଖାଦ୍ୟ ଏବଂ ସାର୍ବଜନିକ ବିତରଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଭୁବନେଶ୍ୱର ମାନକ ବ୍ୟୁରୋ ଶାଖା ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ଉତ୍ପାଦ/ପଦାର୍ଥର ମାନକ ସଂକ୍ରାନ୍ତ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଧ ମାପ ବିଜ୍ଞାନ ମୟୂରଭଞ୍ଜର ଉପ ନିୟନ୍ତ୍ରକ ରବୀନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବିଶେଷ କରି ଦେଶର ପ୍ରଗତି ଏବଂ ଜନସାଧାରଣଙ୍କ ଉନ୍ନତି ନିମିତ୍ତ ସରକାରଙ୍କ ଦ୍ୱାରା ଯେଉଁ ଜନକଲ୍ୟାଣକାରୀ ଯୋଜନା ଗୁଡିକ କାର୍ଯ୍ୟକାରୀ ହେଉଛି ସେ ସବୁର କାର୍ଯ୍ୟ ସମ୍ପାଦନ ସମୟରେ ଅଧିକାରୀମାନେ ପ୍ରତ୍ୟେକ କାର୍ଯ୍ୟରେ ବ୍ୟବହାର ହେଉଥିବା ପଦାର୍ଥଗୁଡିକର ମାନକ ସୂଚୀତ କରି ଠିକାଦାର କିମ୍ବା ଆବେଦନକାରୀଙ୍କ ଦ୍ୱାରା କାର୍ଯ୍ୟ କରାଇବେ ବୋଲି ବୈଜ୍ଞାନିକ ତଥା ନିର୍ଦ୍ଦେଶକ ଦୀପକ ପାତ୍ର ଉପସ୍ଥାପନା କରିଥିଲେ। ପଦାର୍ଥର ମାନକ ଜାଣିବା କେବଳ ସାଧାରଣ ଖାଉଟିଙ୍କଠାରେ ସୀମିତ ହୋଇ ରହିନାହିଁ, ଏହାର ପରିସୀମା ବ୍ୟାପକ ଏବଂ ବିଭିନ୍ନ କ୍ଷେତ୍ରରେ ବ୍ୟବହୃତ ହେଉଥିବା ପ୍ରତ୍ୟେକ ପଦାର୍ଥର ମାନ ଓ ଶୁଦ୍ଧତା ଜାଣିବା ପାଇଁ କୋର୍ଡ ରହିଛି ବୋଲି କହିଥିଲେ; ଯାହାକି ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ବିଆଇଏସ ଡଟ ଜିଓଭି ଡଟ୍ ଇନ ଆପ୍ ଜରିଆରେ ବା ବିଆଇଏସ କେୟାର ଆପ ଜରିଆରେ ଅନୁସନ୍ଧାନ କରି ଜାଣିହେବ। ତେଣୁ ସରକାରୀ ଅଧିକାରୀମାନେ ଯେତେବେଳେ ନିର୍ମାଣ କାର୍ଯ୍ୟ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସଂଯୋଗ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ଚିକିତ୍ସା ପାଇଁ ଚିକିତ୍ସା ଉପକରଣ ଯୋଗାଣ, ଶିକ୍ଷା କ୍ଷେତ୍ରରେ ଶିକ୍ଷା ଉପକରଣ ଯୋଗାଣ ଆଦି କରାଇବାକୁ ଯିବେ, ସେତେବେଳେ ଟେଣ୍ଡର ଆହ୍ୱାନ ସମୟରେ ହିଁ କାର୍ଯ୍ୟର ଡିଜାଇନ ମାନ, କାର୍ଯ୍ୟରେ ବ୍ୟବହୃତ ହେବାକୁଥିବା ଅନ୍ୟାନ୍ୟ ପ୍ରତ୍ୟେକ ସାମଗ୍ରୀର ମାନ କୋର୍ଡ ସହିତ ସୂଚୀତ କରି ଟେଣ୍ଡର ଆହ୍ୱାନ କରିବେ। ଯଦ୍ୱାରା ଭବିଷ୍ୟତରେ ଯଦି ଏହି କାର୍ଯ୍ୟଜନିତ ଅସୁବିଧା ଘଟେ ତେବେ ତଦନ୍ତ ସମୟରେ ଟେଣ୍ଡର ଅନୁଯାୟୀ ଠିକାଦାର ସେହି ମାନର ସାମଗ୍ରୀ ବ୍ୟବହାର କରିଥିଲେ କି ନାହିଁ ସତ୍ୟାସତ୍ୟ ଜଣାପଡିବ। ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ବିଆଇଏସ ହେଉଛି ମାନ ନିର୍ଦ୍ଧାରଣର ବିଶ୍ୱସନୀୟ ସଂସ୍ଥା ଏବଂ ବିଭିନ୍ନ କ୍ଷେତ୍ର ପାଇଁ ଏହାର ବିଭିନ୍ନ ପ୍ରମାଣ ପତ୍ର ଯଥା ଆଇଏସଆଇ, ଏଫଏସଏସଆଇ ଇତ୍ୟାଦି ସହ ବିଭିନ୍ନ ସିମ୍ବଲ ଓ ହୋଲମାର୍କ ରହିଛି। ତେଣୁ ବ୍ୟକ୍ତିଗତ ଜୀବନ କିମ୍ବା କାର୍ଯ୍ୟକ୍ଷେତ୍ରରେ ହେଉ ପଦାର୍ଥର ଶୁଦ୍ଧତା ଓ ମାନ ଜାଣିବା ନିତାନ୍ତ ଜରୁରୀ। ଶେଷରେ ଉପନିୟନ୍ତ୍ରକ ଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ପଞ୍ଚାୟତ ସ୍ତରରେ ବ୍ୟାପକ କରାଯିବ ବୋଲି ସୂଚାଇଥିଲେ। ଭୁବନେଶ୍ୱର ବିଆଇଏସ ଶାଖାର ପରାମର୍ଶଦାତା ସଂଜୀବ ନାୟକ ମଧ୍ୟ ଉପସ୍ଥିତ ଥିଲେ।



## ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ; ରାଇରଙ୍ଗପୁର ବିଜୟୀ



**ବାରିପଦା, ୧୨।୨(ସମିସ):** ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୯ମ ମ୍ୟାଚରେ ରାଇରଙ୍ଗପୁର କ୍ଲବ ଡିଆରକେ(ଏ) ଦଳକୁ ୪ ଉଇକେଟରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଡିଆରକେ (ଏ) ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୮୨ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଆଦିତ୍ୟ ବସା ୨୬ ରନ କରିଥିବା ବେଳେ ବିପକ୍ଷ ଦଳର ଅଜୁ ମହାନ୍ତ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରାଇରଙ୍ଗପୁର ଦଳ ୨୩.୪ ଓଭରରେ ୬ଟି ଉଇକେଟ ହରାଇ ୮୬ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ଅମନ ମହାନ୍ତି ୩୬ ରନ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ ବସା ୪ଟି ଉଇକେଟ ଅକ୍ତିଆର କରିଥିଲେ। ଅଜୁ ମହାନ୍ତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ଗୁରୁବାର ମୟୂରଭଞ୍ଜ ଗ୍ରୀନ ଦଳ ଓ ରାଇରଙ୍ଗପୁର ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

## ୪୫୦୦ କ୍ୱିଣ୍ଟାଲ ପୋଚ ନଷ୍ଟ; ୪ ଗିରଫ



**ବାରିପଦା, ୧୨।୨(ସମିସ):** ଅବକାରୀ ବିଭାଗ ବାରିପଦା ସଦର ଥାନା ଅଞ୍ଚଳରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ୪ଟି ସ୍ଥାନରେ ଚଢ଼ଉ କରି ୪୦୦ଲିଟର ଦେଶୀ ମଦ ଓ ୪୫୦୦ କୁଇଣ୍ଟାଲ ମହୁଲ ପୋଚ ଜବତ କରାଯାଇଛି। ଏଥିସହିତ ଏଥିରେ ସଂପୃକ୍ତ ଥିବା ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଶ୍ରୀରାମସାହିର ଭରତ ମୁର୍ମୁ (୫୦), ଦାମୋଦରପୁରର ଶ୍ୟାମ ସୁନ୍ଦର କିସ୍କୁ (୩୧), ଗୋବର୍ଦ୍ଧନଷୋଳର କଥିଲ ଦେହୁରୀ(୪୨) ଓ ଚାମ୍ବୁରୁ ମାର୍ଣ୍ଡି (୫୨)। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ସଦର ଓଆଇସି ବ୍ରଜମୋହନ ମଲ୍ଲିକ, ଦେଉଳି ଓଆଇସି ପ୍ରଦୀପ କୁମାର ବେହେରା, ଏଏସଆଇ ପ୍ରହ୍ଲାଦ ବିଶ୍ୱାଳ, ରଜନୀକାନ୍ତ ବେହେରା, ଦିବ୍ୟାନଶୁ ପଣ୍ଡା, ଦେବରାଜ ସାହୁ, ସମୀର କୁମାର ଜେନା, ସବିତା ମହାନ୍ତ ଓ ପ୍ରଭାତୀ ମଲ୍ଲ ପ୍ରମୁଖ ସାମିଲ ଥିଲେ।

### ବିଶ୍ୱବିଦ୍ୟାଳୟରେ ବିନ୍ଦୁ ଚାନ୍ଦାନ ପୂଜା

# ପରମ୍ପରା ଓ ମୂଲ୍ୟବୋଧକୁ ପୁନର୍ଜୀବିତ କରିଥାଏ ପର୍ବ

**ବାରିପଦା, ୧୨।୨(ସମିସ)**



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିନ୍ଦୁ ଚାନ୍ଦାନ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ହେରିଟେଜ୍ କ୍ଲବ୍ ଓ ସାନ୍ତାଳୀ ବିଭାଗ ଦ୍ୱାରା ଆୟୋଜିତ ଏହି ପୂଜାରେ ପବିତ୍ର କୁଞ୍ଜସ୍ଥିତ ଜାହିରା ପୀଠରେ ଜ୍ଞାନ, ବୁଦ୍ଧି, ଶିକ୍ଷା ଏବଂ ସମସ୍ତ କଳାର ପ୍ରତିନିଧିତ୍ୱ କରୁଥିବା ଦେବାଦେବୀ ବିନ୍ଦୁ ଚାନ୍ଦାନଙ୍କୁ ପୂଜା କରାଯାଇଥିଲା। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଏବଂ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗର ମୁଖ୍ୟ ଡ. ଯତୀନ୍ଦ୍ରନାଥ ବେଶ୍ରା ସ୍ୱାଗତ ଭାଷଣ ଓ ପୂଜାର ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ନୃତତ୍ତ୍ୱ ଓ ଜନଜାତି ବିଭାଗର ସହଯୋଗୀ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ ଯୋଗଦେଇ ସମଗ୍ର ଛୋଟନାଗପୁର ଅଞ୍ଚଳର ଅଧିବାସୀଙ୍କ ମଧ୍ୟରେ ବିନ୍ଦୁ ଚାନ୍ଦାନ ପୂଜାର ମହତ୍ତ୍ୱ ଉପରେ ଉପସ୍ଥାପନା କରିଥିଲେ। ସାମାଜିକ କାର୍ଯ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଶୁଭେନ୍ଦୁ କୁମାର ଶତପଥୀ ଏହି ପର୍ବ ପାଳନ ଆମର ସ୍ଥାୟୀ ପରମ୍ପରା ଏବଂ ମୂଲ୍ୟବୋଧକୁ ପୁନର୍ଜୀବିତ କରିଥାଏ ବୋଲି ମତ ଦେଇଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ପୁଷ୍ପାଞ୍ଜଳି ପରିଡା, ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଇନ୍ଦ୍ରଜିତ ନାଏକ, କମ୍ପ୍ୟୁଟର ପ୍ରୟୋଗ ବିଭାଗର ପ୍ରଫେସର ଏମ୍ ହିମବିନ୍ଦୁ, ସହକାରୀ ପ୍ରଫେସର ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ସ୍ୱରୁପାନନ୍ଦ ବିଷୟୀ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ଏବଂ ସାନ୍ତାଳୀ ବିଭାଗର ଅଧ୍ୟାପକ ଦୁର୍ଗା ସୋରେନ ଓ ପିଟୁଆନୁ ଠାକୁର ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ପୂଜାରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବାରିପଦା ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ସାନ୍ତାଳୀ ବିଭାଗର ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

## ୩ ବେଆଇନ ବାଲି ଟ୍ରାକ୍ଟର ଜବତ

**ବହଡାହି,୧୨।୨(ସମିସ):** ବାଲି ଖାଦାନ ଉପରୁ ଅଦ୍ୟାବଧି ଏନଜିଟିର ଛାଟ ଉଠିନାହିଁ। ଫଳରେ ବିଭିନ୍ନ ସୈରାତରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ଚାଲାଣ ଜାରି ରହିଛି। ତହସିଲରୁ ଏହାର ତଦାରଖ ଦାୟିତ୍ୱ ଗଲା ପରେ ମାଫିଆ ଓ ଚୋରା ବେପାରୀଙ୍କୁ ବେଶ ସୁହାଇଛି। ଖଣି ବିଭାଗ କର୍ମଚାରୀ ଅଭାବ କହି ଖସିଯିବାକୁ ବସିଥିବା ବେଳେ ପୁଲିସର କାର୍ଯ୍ୟଦକ୍ଷତା ନେଇ ସନ୍ଦେହ ଘେରରେ ରହିଛି। ଖଣି ବିଭାଗ ମଧ୍ୟ ଚୋରା ବେପାରୀଙ୍କ କବଜାରେ ବୋଲି ସେମାନେ ଖୋଲମଖୋଲା ଆଲୋଚନା କରୁଛନ୍ତି। ମାତ୍ର ଏହାପରେ ମଧ୍ୟ କିଛି ଆଖି ଦେଖାଣିଆ ଚଢ଼ଉ ସମ୍ପୃକ୍ତ ବିଭାଗ ପକ୍ଷରୁ ଜାରି ରହିଛି। ବୁଧବାର ସକାଳେ ବଡସାହି ଥାନା ବୁଢବଳଙ୍ଗ ନଦୀର ତେନ୍ତୁଳ-ରଙ୍ଗପାଣି ସେତୁ ତଳୁ ୩ଟି ଟ୍ରାକ୍ଟର ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ସମୟରେ ଖଣି ବିଭାଗ, ତହସିଲ ଓ ପୁଲିସ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ଚାଳକମାନେ ଫେରାର ହୋଇଯାଇଛନ୍ତି। ଜବତ ଟ୍ରାକ୍ଟରଗୁଡିକୁ ଥାନାରେ ରଖାଯାଇ ତଦନ୍ତ ଚାଲିଛି।

## ଅଧାଗଡ଼ା ଡ୍ରେନ୍ ନେଇପାରେ ଜୀବନ

# ଗ୍ରାମବାସୀ ଅସୁରକ୍ଷିତ, ପ୍ରଶାସନ ନିରବ

ବେଲବାହାଲି, ୧୨।୨ (ସମିସ)



ବିଭିନ୍ନ ସମୟରେ ମୁକୁଳା ଡ୍ରେନରେ ପଡି କୋମଳମତି ଶିଶୁଙ୍କ ଜୀବନ ଯାଉଛି । ସେଥିପାଇଁ ସରକାର ମୁକୁଳା ପଡ଼ିଥିବା ଡ୍ରେନଗୁଡିକୁ ଢାଙ୍କିବା ବ୍ୟବସ୍ଥା କରୁଛନ୍ତି । ଏହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳୁଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଇଲୋ ଗ୍ରାମର ୮ ନଂ ୱାର୍ଡରେ । ଉକ୍ତ ଗ୍ରାମର ମୁଖ୍ୟ ରାସ୍ତାର ପାର୍ଶ୍ୱବର୍ତ୍ତୀ ଡ୍ରେନ ନିର୍ମାଣ ପାଇଁ ମାଟି ଖୋଳା ଯାଇଛି । ହେଲେ ନିର୍ମାଣ କାର୍ଯ୍ୟ ଦୀର୍ଘ ୧ ମାସରୁ ଅଧିକ ହେବ ବନ୍ଦ ରହିଛି । ଏଭଳି ଅଧପନ୍ତରିଆ ଭାବେ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସୂଚନା ମୁତାବକ, ଉକ୍ତ ଡ୍ରେନଟି ଦୀର୍ଘ ୧ ମାସ ହେଲା ଖୋଳା ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିର୍ମାଣ କାମ ଶେଷ ହୋଇ ନଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି । ଫଳରେ ଯାତାୟତରେ ବ୍ୟାଘାତ ସୃଷ୍ଟି ହେଉଛି । ଗ୍ରାମବାସୀଙ୍କ କହିବା ମୁତାବକ, ଉକ୍ତ ଡ୍ରେନଟି ୩ ଫୁଟରୁ ଅଧିକ ଖୋଳା ଯାଇଥିବା ବେଳେ ବର୍ତ୍ତମାନ ପାଣି ଭର୍ତ୍ତି ହୋଇଛି । ଗତକାଲି ଗ୍ରାମର ଜଣେ ଯୁବକ ସନ୍ଧ୍ୟା ସମୟରେ ସାଇକଲରେ ଯାଉଥିବା ବେଳେ ପଡି ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଉକ୍ତ ରାସ୍ତାଟି ବାଇଲୋ ବିଦ୍ୟାଳୟ ଏବଂ ଅଙ୍ଗନବାଡିର ମୁଖ୍ୟରାସ୍ତା ହୋଇଥିବାରୁ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନକୁ ଯାଉଛନ୍ତି । ଆନନ୍ଦପୁର ପ୍ରଶାସନ ଖୁବଶୀଘ୍ର କାମ ଶେଷ କରିବା ପାଇଁ ଗ୍ରାମର ଚନ୍ଦନ କୁମାର ଜେନା, ରୁଦ୍ରପ୍ରତାପ ଜେନା, ଶମ୍ଭୁନାଥ ଜେନା, ସିପକ କୁମାର ସାହୁ, ଅଟଳ ବିହାରୀ ଜେନା, ପ୍ରମୋଦ କୁମାର ଜେନା, ଜିତେନ୍ଦ୍ର ଜେନା ପ୍ରମୁଖ ଦାବି କରିଛନ୍ତି ।

## ଫକୀରପୁରରେ ଡ୍ରେନ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ; ବିପଦକୁ ଆମନ୍ତ୍ରଣ

**ଆନନ୍ଦପୁର, ୧୨।୨(ସମିସ):** ଆନନ୍ଦପୁର ପୌର ପରିଷଦ ଫକୀରପୁରର ୪ଟି ୱାର୍ଡରେ ଡ୍ରେନେଜ୍ ବ୍ୟବସ୍ଥା ବେହାଲ୍ ପରିସ୍ଥିତି ସୃଷ୍ଟି କରିଛି । ଡ୍ରେନ୍‌ଗୁଡିକ ନିୟମିତ ସଫେଇ କରାଯାଉ ନଥିବା ଅଭିଯୋଗ ହୋଇଛି । ଗନ୍ଧମୟ ପରିବେଶରେ ସ୍ଥାନୀୟ ଲୋକେ କାଳତିପାତ କରୁଛନ୍ତି । ଗୋଟିଏ ପାର୍ଶ୍ୱରେ ଖୋଲାମେଲା ଡ୍ରେନ୍ ସବୁ ସମୟରେ ବିପଦକୁ ଆମନ୍ତ୍ରଣ କରୁଥିବା ବେଳେ ଅଳିଆ ଆବର୍ଜନାପୂର୍ଣ୍ଣ ଡ୍ରେନ୍ ଲୋକମାନଙ୍କୁ ଅତିଷ୍ଠ କରିବାରେ ଲାଗିଛି । ଫକୀରପୁରରେ ଥିବା ୮, ୯, ୧୦ ଓ ୧୧ଟି ୱାର୍ଡରେ ଏଭଳି ଅବସ୍ଥା ଲାଗି ରହିଛି । ଆନନ୍ଦପୁର ପୌର ପରିଷଦ ୭ ନଂ ୱାର୍ଡ ଦଶରପଦା ସାହିରେ ଖୋଲାମେଲା ଡ୍ରେନକୁ ନେଇ ଜଣେ ବ୍ୟକ୍ତିଙ୍କ ଜୀବନ ଯିବା ଭଳି ଘଟଣା ନଜରକୁ ଆସିବା ସତ୍ତ୍ୱେ କର୍ତ୍ତୃପକ୍ଷ ବେଫିକର ରହିବା ପରିତାପର ବିଷୟ ସାଜିଛି । ଏପରିକି କୌଣସି ପରିସ୍ଥିତିରେ ଡ୍ରେନ୍‌ଗୁଡିକ ଖୋଲା ରହିବ ନାହିଁ ବୋଲି ମାନ୍ୟବର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ଆନନ୍ଦପୁର ପୌର ପରିଷଦ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛଇ । ଫକୀରପୁରରେ ଖୋଲାମେଲା ଡ୍ରେନ୍ ସାଙ୍ଗକୁ ଠାଏ ଠାଏ ଅଳିଆଗଦା ପରିମଳ ବ୍ୟବସ୍ଥାର ବିକଳ ଚିତ୍ରର ଉଦାହରଣ ପାଲଟିଛି । ଏହି ଘଟଣାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଆନନ୍ଦପୁର, ୧୨।୨(ସମିସ): ଘସିପୁରା ବ୍ଲକ୍ ଭଣ୍ଡାରିଡିହା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ପଟ୍ଟନାୟକ (୮୮)ଙ୍କ ପୂର୍ବାହ୍ନ ୧୧ଟା ବେଳେ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ତାରିଣୀ ପଟ୍ଟନାୟକ, ଝିଅ ସଂଧ୍ୟା, ଜ୍ୱାଇଁ ବିଜୟ ନାୟକ, ପ୍ରଗତି ପଟ୍ଟନାୟକ, ଯୁଗଜ୍ୟୋତି ପଟ୍ଟନାୟକ, ନାତି ଶାଶ୍ୱତ, ସୁବ୍ରତ, ଶଳା ନଳିନୀକାନ୍ତ ମହାନ୍ତି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପାଇ ସାନଭାଇ ଇଂ ସୀତାନାଥ ପଟ୍ଟନାୟକ, ସମାଜସେବୀ ମନ୍ମଥ ରାଉତ, ମଣ୍ଟୁ ପୁହାଣ, ଚନ୍ଦନ ଜେନା, ସବ୍ୟସାଚୀ ଶିଅଳ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ପୁତ୍ର ତାରିଣୀ ମୁଖାଗ୍ନି ଦେଇଥିଲେ ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



**ଆନନ୍ଦପୁର/କେନ୍ଦୁଝର, ୧୨।୨(ସମିସ):** ଆନନ୍ଦପୁର ଉପଖଣ୍ଡରେ ବରିଷ୍ଠ ନେତା ତଥା ମଦନପୁର ପଞ୍ଚାୟତର ଚାରିଥରର ସରପଞ୍ଚ ଓ କେନ୍ଦୁଝର ଜିଲ୍ଲା ପୂର୍ବତନ ସରପଞ୍ଚ ସଂଘର ସଭାପତି ବନବିହାରୀ କୁଅଁରଙ୍କର ମଦନପୁର ବାସଭବନରେ ୮୮ ବୟସରେ ପରଲୋକ ହୋଇଯାଇଛି । ବନବିହାରୀ କୁଅଁର ଆନନ୍ଦପୁର ଅଞ୍ଚଳ ରାଜନୀତିରେ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ଥିବା ସଙ୍ଗେ ସଙ୍ଗେ ଜଣେ ପରୋପକାରୀ ଓ ସମାଜସେବୀ ବ୍ୟକ୍ତି ଥିଲେ । ନିଜ ଜନ୍ମ ସ୍ଥାନରେ ବାପାଙ୍କ ନାମରେ ହାଇସ୍କୁଲ ପ୍ରତିଷ୍ଠା କରିବା, ପଞ୍ଚାୟତରେ ଚାଷୀଙ୍କ ପାଇଁ ଏକ ବୃହତ ଜଳସେଚନ ପ୍ରୋଜେକ୍ଟ, ଭଗାନଇ ଗ୍ରାମରେ ଓମଫେଡ ପ୍ରତିଷ୍ଠା ନିଜ ଚେଷ୍ଟାରେ କରିବା ସଙ୍ଗେ ସଙ୍ଗେ ଅନେକ କାମ କରିଥିଲେ । ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ରଥରେ ନିଜ ବାସଭବନରୁ ବାହାରି ନିଜ ଗାଁ ବୁଲିସାରି ନିଜେ ପ୍ରତିଷ୍ଠା କରିଥିବା ହାଇସ୍କୁଲ ପ୍ରାଙ୍ଗଣରେ ପହଞ୍ଚିଥିଲେ । ସ୍କୁଲର ଶିକ୍ଷକମାନେ ଶେଷ ଦର୍ଶନ କରିଥିଲେ । ଗାଁ ଶ୍ମଶାନ ଘାଟକୁ ନେବା ସମୟରେ ବଡ଼ ପୁତୁରା ହିମାଂଶୁ କୁଅଁର, ସୁଧାଂଶୁ କୁଅଁର, ପୁତ୍ର ସୌମେନ୍ଦ୍ର କୁଅଁର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥୀରାଜ କୁଅଁର, ପରେଶ କୁଅଁର, ବିଭ୍ରାଂଶୁ କୁଅଁର, ଜିତେନ୍ଦ୍ର କୁଅଁର, ରାଜେଶ କୁଅଁର, ବଡ଼ଝିଅ ଦେଜି ଶତପଥୀ ଓ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

## ବାତୋ ପଞ୍ଚାୟତରେ ପାନୀୟଜଳ ସମସ୍ୟା

**ଆନନ୍ଦପୁର, ୧୨।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ବାତୋ ପଞ୍ଚାୟତର କରଡ଼ାପାଳ ଓ ପରମାନନ୍ଦପୁରରେ ପାନୀୟଜଳ ସମସ୍ୟା ଏବେଠାରୁ ଉତ୍କଟ ରୂପ ଧାରଣ କଲାଣି । ଏହି ଗ୍ରାମଗୁଡିକରେ ଦୀର୍ଘ ଏକମାସ ହେବ ପାନୀୟ ଜଳଯୋଗାଣ ସଂପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି । ଗ୍ରାମରେ ଥିବା ପୁରୁଣା ନଳକୂପଗୁଡିକ ମଧ୍ୟ ଅଚଳ ହୋଇ ପଡିଛି । ଗ୍ରାମବାସୀ ବାଧ୍ୟ ହୋଇ ପ୍ରାଣ ବିକଳରେ ଝରଣା ଓ ଚୁଆର ଦୂଷିତ ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଏ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଜଣାପଡ଼ିଛି । ପାନୀୟଜଳ ସମସ୍ୟାକୁ ସ୍ଥାନୀୟ ପ୍ରଶାସନ ଖୁବ୍ ଶୀଘ୍ର ସମାଧାନ କରିବା ନିମନ୍ତେ ଗ୍ରାମର ବାମନ ଚରଣ ପୁହାଣ, ମାଧବାନନ୍ଦ ବରାଳ, ଅନନ୍ତ ପୁହାଣ, ଦୟାନିଧି ଭୋଇ ଓ ଅମୀୟ ପୁହାଣ ପ୍ରମୁଖ ନିବେଦନ କରିଛନ୍ତି ।

## ବଫର୍ ଜୋନ୍ ବିରୋଧରେ ଟ୍ରକ୍ ମାଲିକଙ୍କ ବୈଠକ



**ଆନନ୍ଦପୁର, ୧୨।୨(ସମିସ):** ଆନନ୍ଦପୁର ଉପଖଣ୍ଡର ଟ୍ରକ୍ ମାଲିକଙ୍କୁ ସଂଗଠିତ କରି ନ୍ୟାଯ୍ୟ ପ୍ରାପ୍ୟ ହାସଲ କରିବା ପାଇଁ ଝାଡେଶ୍ୱର ମନ୍ଦିରରେ ଟ୍ରକ୍ ମାଲିକମାନେ ଏକ ବୈ÷ଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାଲିକଙ୍କ ପ୍ରତି ପାତରଅନ୍ତର କରି ହେବାକୁ ଥିବା କେନ୍ଦୁଝର ବଫର ଜୋନକୁ ମାଲିକମାନେ ବିରୋଧ କରି ଅସନ୍ତୋଷ ପ୍ରକାଶ କରିଥିଲେ । କେନ୍ଦୁଝର ବଫର ଜୋନ୍ ହେଲେ ଆନନ୍ଦପୁର ସମେତ ତେଲକୋଇ, ପାଟଣା, ଘଟଗାଁ ଅଞ୍ଚଳର ଟ୍ରକ୍ ମାଲିକମାନେ ସମସ୍ୟାର ସମ୍ମୁଖୀନ ହେବେ ବୋଲି ବୈଠକରେ ଆଲୋଚନା ହୋଇଥିଲା । କେନ୍ଦୁଝରକୁ ବଫର ଜୋନ୍ କରାଇ ନଦେବା ଦାବିରେ ବିକ୍ଷୋଭ ପ୍ରଦର୍ଶନ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଏଥିପାଇଁ ଏକ କମିଟି ଗଠନ କରାଯାଇ ଘସିପୁରା ଜୋନରୁ ୨୦ଜଣ, ରାମଚନ୍ଦ୍ରପୁର ଜୋନରୁ ୧୦ଜଣ ଓ ହାଟଡିହି ଜୋନରୁ ୧୦ଜଣଙ୍କୁ ସଦସ୍ୟ ରଖାଯାଇଛି । ଆଗାମୀ ଦିନରେ ଯଦି କେନ୍ଦୁଝରକୁ ବଫର ଜୋନ୍ ମାନ୍ୟତା ଦିଆଯାଏ ଏହାର ପ୍ରତିବାଦରେ ତୀବ୍ର ଆନ୍ଦୋଳନ ହେବ ବୋଲି ସଭାରେ ନିଷ୍ପତ୍ତି ହୋଇଛି ।

## ଏନ୍‌ସିସି କ୍ୟାଡେଟ୍ ସୁବ୍ରତ ମହାକୁଡ଼ଙ୍କୁ ସମ୍ବର୍ଦ୍ଧନା



**କେନ୍ଦୁଝର, ୧୨।୨(ସମିସ):** କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟର ଦ୍ୱିବାର୍ଷିକ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଧରଣୀଧର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାର ଛାତ୍ର ତଥା ଏନସିସି ୧୪ତମ ଓଡିଶା ବାଟାଲିଆନର କ୍ୟାଡେଟ ସୁବ୍ରତ କୁମାର ମହାକୁଡ଼ଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଦେଇ ମାନପତ୍ର ପ୍ରଦାନ କରିଥିଲେ । ଆରଡ଼ିସି ସ୍ତରରେ ମନୋନୀତ ହୋଇ ନୂଆଦିଲ୍ଲୀଠାରେ ଆୟୋଜିତ ଗତ ସାଧାରଣତନ୍ତ୍ର ଦିବସ ପରଡରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ ।

## ବ୍ଲକସ୍ତରୀୟ ବିଦ୍ୟାଳୟ ବିକାଶ ଯୋଜନା କମିଟି ଗଠନ



**ରାମଚନ୍ଦ୍ରପୁର/ବେଲବାହାଲି, ୧୨।୨(ସମିସ):** ଘଷିପୁରା ବ୍ଲକ ସାମୁକାନେଣ୍ଡି ପଞ୍ଚାୟତରେ ଏକଦିବସୀୟ ବ୍ଲକସ୍ତରୀୟ ବିଦ୍ୟାଳୟ ବିକାଶ ଯୋଜନା କାର୍ଯ୍ୟଉନ୍ନୟନ କମିଟି ଗଠନ ଏବଂ ଅଭିମୁଖୀକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଂଯୋଜକ ସୁଦର୍ଶନ ପ୍ରଧାନ, ଶିକ୍ଷା ସଂଯୋଜକ ବିଜୟ କୁମାର ପରିଡା, ଆଇସିଡିଏସ ସଂଯୋଜକ ସ୍ୱରୂପ ସାମଲ ଏବଂ ଏମଆଇଏସ ସଂଯୋଜକ ମହେଶ ଜେନା ସଂଯୋଜନା କରିଥିଲେ । କର୍ମଶାଳାରେ ବ୍ଲକର ୩୦ଟି ବିଦ୍ୟାଳୟର ୩୦ ଜଣ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଯୋଗ ଦେଇଥିଲେ । ଦେଓଗାଁ କ୍ଲଷ୍ଟରର ସିଏଫ୍ ସମୀରରଞ୍ଜନ ନାଥ ଏବଂ ଗୋହିରା କ୍ଲଷ୍ଟରର ସିଏଫ୍ ତପନ ହେମ୍ବ୍ରମ୍ ଏବଂ ଦୀପକ ସାହୁ ଶିକ୍ଷା ଅଧିକାର ଅଧିନିୟମ, ଜ୍ୟୋତିରଞ୍ଜନ ଭୂୟାଁ ବିଦ୍ୟାଳୟ ପରିଚାଳନା କମିଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଗୌତମ ଓଝା, ମଧୁସ୍ମିତା ଜେନା ବିଦ୍ୟାଳୟ ବିକାଶ ଯୋଜନା ଉପରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ସମସ୍ତ ସଦସ୍ୟଙ୍କ ମଧ୍ୟରେ ବ୍ଲକସ୍ତରୀୟ ଏକ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା । ଆଗାମୀ ଦିନରେ ସେମାନେ ବ୍ଲକ ସ୍ତରରେ କିପରି କାର୍ଯ୍ୟ କରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ଶିବିରରେ ସମସ୍ତ ଜିପିସିଏମ୍ ସହଯୋଗ କରିଥିଲେ ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ହାଟଡ଼ିହୀ, ୧୨।୨(ସମିସ):** କେ.ବାଲିପାଳ ପଞ୍ଚାୟତ ନୂଆ ବାଲିପାଳସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ମଙ୍ଗଳ ହାଁସଦା ମୁଖ୍ୟଅତିଥି, ସମ୍ମାନିତଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର ନାଏକ, ୱାର୍ଡସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ପ୍ରତିଯୋଗିତାରେ ମୋଟ୍ ୭୩ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲା ବେଳେ ଏଥିରେ ୮ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ଖେଳରୁ ୪୩ ଜଣ ଛାତ୍ରଛାତ୍ରୀ ପ୍ରଥମ, ୨ୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ଏସଏମସି, ଏମଟିଏ, ପିଟିଏ କମିଟିର ସମସ୍ତ ସଭ୍ୟସଭ୍ୟା ଯୋଗ ଦେଇଥିଲେ । ଶିକ୍ଷକ ବିଜୟ ଧଳ, ଜୟୀରାମ ମାଝୀ, କାର୍ତ୍ତିକ ଶଙ୍ଖୁଆଳ ପ୍ରମୁଖ ପରିଚାଳନା କରିଥିଲେ ।

## ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା



**ବାଲିବନ୍ଧ, ୧୨।୨ (ସମିସ):** ଝୁମ୍ପୁରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ୧୨ଟି କ୍ଲଷ୍ଟରର ପ୍ରଥମରୁ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝୁମ୍ପୁରା ସରପଞ୍ଚ ରେବତୀ ବିରୁଆ ମୁଖ୍ୟଅତିଥି ଏବଂ ଝୁମ୍ପୁରା ଏବିଇଓ-ବିଆରସିସି ନବକିଶୋର ସାମଲ, ଏବିଇଓ ମୁକୁନ୍ଦ ଚରଣ ସାହୁ, ପୂର୍ବତନ ଏବିଇଓ ବିଜୟାନନ୍ଦ ବେହେରା, ଝୁମ୍ପୁରା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାକାର ବେହେରା ପ୍ରମୁଖ ଅତିଥି ଯୋଗ ଦେଇଥିଲେ । ଗୁମୁରା ସିଆରସିସି ନରୋତ୍ତମ ମହନ୍ତ ସଂଯୋଜନା କରିଥିବା ବେଳେ ଝୁମ୍ପୁରା ସିଆରସିସି ତନ୍ମୟ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ମୁକ୍ତ ବାତାବରଣରେ ପିଲାଙ୍କ ସୃଜନଶୀଳ ଶିକ୍ଷାଦାନ ନେଇ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଶପଥ ପାଠ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀମାନେ "ପରୀ' ଗୀତ ମାଧ୍ୟମରେ ଏକ ଅଭିନୟ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଷ୍ଟଲଗୁଡିକ ମାଧ୍ୟମରେ ବିଭିନ୍ନ ତଥ୍ୟର ଆଦାନପ୍ରଦାନ ହୋଇଥିଲା । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରୁ ୩ଟି ଲେଖାଏଁ ମୋଟ ୯ଟି ବିଭାଗ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳାକୁ ମନୋନୀତ କରାଯାଇଛି ।

## ଦେଓଗାଁ ବନାଞ୍ଚଳସ୍ତରୀୟ ଗଜସାଥୀ ତାଲିମ୍ ଶିବିର



**ଆନନ୍ଦପୁର, ୧୨।୨ (ସମିସ):** କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଆନନ୍ଦପୁର ଅଧୀନସ୍ଥ ଦେଓଗାଁ ବନ୍ୟପ୍ରାଣୀ ବନାଞ୍ଚଳର ଗଦୁଆଁଠାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଦେଓଗାଁ ବନାଞ୍ଚଳର ସହକାରୀ ବନ ସଂରକ୍ଷକ ଉମାକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ଜନ୍ତୁ ସୁରକ୍ଷା ନିମନ୍ତେ ହାତୀ ସୁରକ୍ଷା ପାଇଁ ସମସ୍ତ ଗଜସାଥୀ, ବନ ସୁରକ୍ଷା ସମିତିର ସମସ୍ତ ସଦସ୍ୟଙ୍କୁ ଏକତ୍ରିତ କରାଯାଇ ସଚେତନ କରାଯାଇଛି । ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ଜଙ୍ଗଲରେ ଲାଗିବାକୁ ଥିବା ନିଆଁ କୁ କିଭଳି ପ୍ରତିରୋଧ କରାଯାଇ ପାରିବ ସେନେଇ ବନ ବିଭାଗର ଏସିଏଫ ଉମାକାନ୍ତ ଦାସଙ୍କ ପକ୍ଷରୁ ସଚେତନା ସହିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାକ ପ୍ରସ୍ତୁତି ବୈଠକ ଡକାଯାଇ ତିନିଟି ଫରେଷ୍ଟ ସେକ୍ସନର ଗଜସାଥୀ ଏବଂ ବନ ସୁରକ୍ଷା ସମିତିର କର୍ମୀମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଫରେଷ୍ଟର ମଙ୍ଗୁଳି ଚରଣ ସା, ଧୀରେନ୍ଦ୍ର ପାତ୍ର ଏବଂ ବନରକ୍ଷୀ ପୁଷ୍ପଲତା ସାହୁ, ବନ୍ଦିତା ଦାସ, ପ୍ରିୟଦର୍ଶିନୀ ଜେନା, ମମତା ରାଉତ, ବାପୁଜୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଅମୂଲ୍ୟପହି ବିଦ୍ୟାଳୟର ଛାତ୍ରୀ ଜାତୀୟ ସ୍ତରରେ ପୁରସ୍କୃତ



**ଆନନ୍ଦପୁର, ୧୨।୨ (ସମିସ):** ବଳରାମପୁର ପଞ୍ଚାୟତର ନୂଆପଡାଠାରେ ଥିବା ଅମୂଲ୍ୟ ପହି +୨ ବିଜ୍ଞାନ ଉଚ୍ଚବିଦ୍ୟାଳୟର ଦୁଇ ଛାତ୍ରୀ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି । ଓଡିଶା ଦଳ ପକ୍ଷରୁ ସିପକ ଟାକ୍ରୋ କ୍ରୀଡାରେ ପ୍ରତିନିଧିତ୍ୱ କରୁଥିବା ଦୁଇଛାତ୍ରୀ ହେଲେ କୁନି ମହାନ୍ତ ଏବଂ ରୂପାଳି ମହାନ୍ତ । ଏହି କ୍ରୀଡା ଆନ୍ଧ୍ରପ୍ରଦେଶରେ ଖେଳାଯାଇଥିବା ବେଳେ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଛି । ଦୁଇ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଇଞ୍ଜିନିଅର କଳିଙ୍ଗ ଭୂଷଣପହି ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସ୍ୱାଗତ କରିଥିଲେ । କ୍ରୀଡାଶିକ୍ଷକ ଗୌରାଙ୍ଗ ଚରଣ ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ଓ ଶିକ୍ଷୟିତ୍ରୀ ମୋନାଲିସା ରାଉତ, ବିଜୟଲକ୍ଷ୍ମୀ ବିଦ୍ଧାଣି, ସ୍ମୃତି ସୁଚରିତା ଚକ୍ର, ଜ୍ୟୋତିର୍ମୟୀ ସାହୁ, ଦମୟନ୍ତୀ ପଲେଇ, ସକନ୍ତଳା ନାୟକ, ଐଶ୍ୱର୍ଯ୍ୟା ଜେନା, ସବିତା ପେରେଇ ସହଯୋଗ କରିଥିଲେ ।

## ଜନକଲ୍ୟାଣ ବାଳିକା ବିଦ୍ୟାପୀଠରେ ବାର୍ଷିକ ଉତ୍ସବ




**ଆନନ୍ଦପୁର, ୧୨।୨(ସମିସ):** ଆନନ୍ଦପୁର ବ୍ଲକ୍ ଧକୋଠାସ୍ଥିତ ଜନକଲ୍ୟାଣ ବାଳିକା ବିଦ୍ୟାପୀଠର ୩୪ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ମହାନ୍ତ ସଭାପତିତ୍ୱ କରିଥିଲେ । ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଉପ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ଧକୋଠା ସରପଞ୍ଚ ବୀରଭଦ୍ର ସେଠୀ, ବିଶେଷ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅତୁଲ ବଳ, ନିମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ ସାହୁ, ଧକୋଠା ଯୁବକ ସଂଘର ସଂପାଦକ ପ୍ରଫୁଲ୍ଲ ସାହୁ, ସମାଜସେବୀ ତ୍ରିଲୋଚନ ସାହୁ, ଶିକ୍ଷାବିତ୍ ପ୍ରଭଞ୍ଜନ ପାଢୀ, ଅରୁଣ ସାହୁ, ଧକୋଠା ସିଆରସିସି ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଂସ୍କୃତ ଶିକ୍ଷକ ସିଗନାଥ ପଣ୍ଡା ଅତିଥି ପରିଚୟ ଦେଇଥିଲେ । ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।

## ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଆନନ୍ଦପୁର, ୧୨।୨ (ସମିସ):** ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି । ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନି ମାଝୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଆନନ୍ଦପୁରର ଡେପୁଟି କଲେକ୍ଟର ଦମୟନ୍ତୀ ସାହୁ ଯୋଗ ଦେଇଥିଲେ । ସଂଗୀତ ଶିକ୍ଷୟିତ୍ରୀ ଇତିଶ୍ରୀ ନିବେଦିତା ସୁତାରଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ସାହୁଙ୍କ ଦ୍ୱାରା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରାଯାଇଥିଲା । ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାଥମିକ ଶିକ୍ଷୟିତ୍ରୀ ଶଶି ବାଲାଙ୍କ ନିରୀକ୍ଷଣରେ ଛାତ୍ରୀମାନେ ପରିଚାଳନା କରିଥିଲେ । ପରେ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ହିନ୍ଦୀ ଶିକ୍ଷକ ଉମେଶଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

# ରାଜ୍ୟସ୍ତରୀୟ କୁଶ ପଟ୍ଟନାୟକ ଫୁଟ୍‌ବଲ: ଭଦ୍ରକକୁ ହରାଇଲା କଟକ

ଆନନ୍ଦପୁର, ୧୨।୨(ସମିସ)




ଆନନ୍ଦପୁର ଷ୍ଟାଡିୟମ ପଡିଆଠାରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ କୁଶରଂଜନ ପଟ୍ଟନାୟକ ମେମୋରିଆଲ ଫୁଟବଲ ମ୍ୟାଚ୍‌ର ତୃତୀୟ ଦିନର ମ୍ୟାଚରେ ଭଦ୍ରକର ବାଦଲ ଏକାଡେମୀକୁ ହରାଇ ଇଣ୍ଡିପେଣ୍ଡାଣ୍ଟ ଫୁଟବଲ କ୍ଲବ କଟକ ବିଜୟୀ ହୋଇଛି । ଶେଷାର୍ଦ୍ଧ ପର୍ଯ୍ୟନ୍ତ ଖେଳ ଅମୀମାଂସିତ ରହିବାରୁ ଟ୍ରାଇବ୍ରେକର ପଦ୍ଧତିରେ ଉଭୟ ଦଳ ପରସ୍ପରକୁ ଗୋଲ ସ୍କୋର କରି ୪/୨ ରେ କଟକ ଦଳ ବିଜୟୀ ହୋଇଥିଲା । ଆନନ୍ଦପୁର କ୍ରୀଡା ସଂସଦ ଆନୁକୂଲ୍ୟରେ ପଟ୍ଟନାୟକ ବ୍ରଦର୍ସ ପ୍ରଯୋଜିତ ଏହି ମ୍ୟାଚରେ ଆନନ୍ଦପୁର ବିଡିଓ ମନୋଜ ମହାନ୍ତ, ଆନନ୍ଦପୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ସଂସଦର ସଂପାଦକ ନବ ରଂଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମ୍ୟାଚକୁ ରେଫରି ଆଲୋକ ଦେହୁରୀ, ଧନେଶ୍ୱର ସର୍ଦ୍ଦାର, ଶିବ ପ୍ରସାଦ ସାମନ୍ତରାୟ ପରିଚାଳନା କରିଥିଲେ । କ୍ରୀଡ଼ା ସଂସଦର କର୍ମକର୍ତ୍ତା ସହଯୋଗ କରିଥିଲେ ।

# ପର୍ଯ୍ୟଟନ ମାନଚିତ୍ରରେ ଜିଲ୍ଲାର ଆଉ ୭ଟି କ୍ଷେତ୍ର ଯୋଡ଼ିହେଲା





**କେନ୍ଦୁଝର/ତୁରୁମୁଙ୍ଗା, ୧୨।୨(ସମିସ)**



ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ରାଜ୍ୟର ୨୦ଟି ପର୍ଯ୍ୟଟନ କ୍ଷେତ୍ରକୁ ନୂତନ ମାନ୍ୟତା ପ୍ରଦାନ କରିଛି। କେନ୍ଦୁଝର ଜିଲ୍ଲାର ଆଉ ୭ଟି ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଛି। କେନ୍ଦୁଝର ଜିଲ୍ଲାର ପୂର୍ବରୁ ୧୬ଟି ପର୍ଯ୍ୟଟନସ୍ଥଳୀଙ୍କୁ ଆଗରୁ ମାନ୍ୟତା ମିଳିଥିଲା। ନୂତନ ମାନ୍ୟତା ପାଇଥିବା ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ମାନ୍ୟତା ନିମନ୍ତେ ଗତ ୨୦୨୧ରେ ଜିଲ୍ଲାସ୍ତରୀୟ ପର୍ଯ୍ୟଟନ କମିଟିରେ ଅନୁମୋଦନ ହୋଇ ଆବେଦନ ହୋଇଥିଲା। କେନ୍ଦୁଝର ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଜିଲ୍ଲା ଅଟେ। ଏଠାକାର ମନୋରମସ୍ଥଳୀଗୁଡ଼ିକୁ ଲୋକଲୋଚନକୁ ଆଣିବା ଏବଂ ଜିଲ୍ଲାକୁ ପର୍ଯ୍ୟଟକଙ୍କ ଆକୃଷ୍ଟ କରି ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ତତକାଳୀନ ସଦର ବିଧାୟକ ସଦର ବିଧାୟକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବାବଦରେ ଆଗରୁ ବିଧାନସଭାରେ ପ୍ରଶ୍ନ କରିଥିଲେ। ତେଣୁ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ନିମନ୍ତେ ଜିଲ୍ଲାର ଅଧିକ ୭ ଗୋଟି କ୍ଷେତ୍ରକୁ ମାନ୍ୟତା ଦିଆଯାଇଛି ବୋଲି ଏକ୍ଷେତ୍ରରେ ନିର୍ଭରଶୀଳ ଲୋକେ କହିଛନ୍ତି। ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କୁ ଚିଠି ନଂ ୩୭୦-୧୪/୧୨/୨୦୨୧ରେ ନୂତନ ଭାବେ ସର୍ଭେ କରାଯାଇଥିବା ୭ଟି ପର୍ଯ୍ୟଟନସ୍ଥଳୀର ତଥ୍ୟ ଦିଆଯାଇଥିଲା। କେନ୍ଦୁଝର ଜିଲାରେ ଅନେକଗୁଡ଼ିଏ ସ୍ଥଳୀ ଅଛି ଯାହାକି ପର୍ଯ୍ୟଟନ ବିଭାଗର ମାନ୍ୟତା ପାଇବା ଯୋଗ୍ୟ ଅଟେ। ଏଗୁଡ଼ିକ ମଧ୍ୟରେ ବାଂଶପାଳ ବ୍ଲକର ମହାଦେବମୁଣ୍ଡ, ଝୁମ୍ପୁରା ବ୍ଲକର ଅସୁରଖଲ ଜଳପ୍ରପାତ ଏବଂ ପ୍ରାକୃତିକ ଶୋଭାରାଜି ସମେତ ଅରଡେଇ ନଦୀ ଉପରେ ଝୁମ୍ପୁରା ବ୍ଲକର ଖଳିକୁଣ୍ଡକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବାକୁ ଦାବି ହେଲାଣି। ସରକାର ନୂତନ ୭ଟି ପର୍ଯ୍ୟଟନ କେନ୍ଦ୍ର ଘୋଷଣା କରିବା ପରେ ବିଭିନ୍ନ ମହଲରେ ଖୁସି ପ୍ରକାଶ ପାଇଛି। ପର୍ଯ୍ୟଟନ ଋତୁ ଆସିଲେ ସେଗୁଡ଼ିକର ମନୋରମ ଦୃଶ୍ୟ ଉପଭୋଗ କରିବା ପାଇଁ ପର୍ଯ୍ୟଟକ ଆସିଥାନ୍ତି।

ଏ କ୍ଷେତ୍ରକୁ ଅଧିକ ସମୃଦ୍ଧ କରିବା ଲକ୍ଷ୍ୟରେ ପୁଣି ୭ଟି ସ୍ଥଳୀକୁ ପର୍ଯ୍ୟଟନସ୍ଥଳୀ ଟେଣ୍ଟେଇନାଳୀ ଜଳପ୍ରପାତ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ, ଗିରିଡିବନ୍ଧ ଜଳପ୍ରପାତ, ଦରଗଡଶୀଳା ଜଳଭଣ୍ଡାର, ଡାବରତୁଆ ଡ୍ୟାମ ଜଳଭଣ୍ଡାର, ବାରାହାଟିପୁରା ଶୈବପୀଠ, କାଇଯୋଡା ଜଳପ୍ରପାତ ମାନ୍ୟତା ଦେବାକୁ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ପରିଷଦର ଅନୁମୋଦନ ପରେ ପର୍ଯ୍ୟଟନ ବିଭାଗ ନିକଟରେ ୭ଟି ନୂତନ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେବାକୁ ଆବେଦନ କରାଯାଇଥିଲା।

ପ୍ରାକୃତିକ ସୌନ୍ଦର୍ଯ୍ୟସ୍ଥଳୀକୁ ପର୍ଯ୍ୟଟନ ବିଭାଗର ମାନ୍ୟତା ନିମନ୍ତେ ଜିଲ୍ଲାସ୍ତରୀୟ ପର୍ଯ୍ୟଟନ ଉନ୍ନୟନ ପରିଷଦ ଅନୁମୋଦନ କରିଥିବା ବେଳେ ଜିଲ୍ଲାପାଳଙ୍କ ପର୍ଯ୍ୟଟନ କାର୍ଯ୍ୟାଳୟ ସମ୍ପୃକ୍ତ ପର୍ଯ୍ୟଟନସ୍ଥଳଗୁଡ଼ିକର ସର୍ଭେ ରିପୋର୍ଟ ଓ ବୈଠକର ପ୍ରୋସିଡିଂ ସମେତ ପର୍ଯ୍ୟଟନ ବିଭାଗକୁ ଆବେଦନ କରାଯାଇଥିଲା। ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ପରିଷଦରେ କେନ୍ଦୁଝର ଜିଲ୍ଲାପାଳ ଅଧ୍ୟକ୍ଷ ରହିଥିବା ବେଳେ ପର୍ଯ୍ୟଟନ ଅଧିକାରୀ ସମ୍ପାଦକ ତଥା ଆବାହକ ଏବଂ କେନ୍ଦୁଝର ସାଂସଦ, ଜିଲ୍ଲାର ସମସ୍ତ ବିଧାୟକ, ଆରକ୍ଷୀ ଅଧୀକ୍ଷକ, ବନଖଣ୍ଡ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲା ମଙ୍ଗଳ ଅଧିକାରୀ, ପୂର୍ତ୍ତ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଦ୍ୟୁତ୍ ବିଭାଗର ନିର୍ବାହୀ ଅଧିକାରୀ ଏହାର ସଦସ୍ୟ ଅଛନ୍ତି।

ପୂର୍ବରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତାପ୍ରାପ୍ତ କ୍ଷେତ୍ର ମଧ୍ୟରେ କେନ୍ଦୁଝର ଜିଲ୍ଲାର ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର, ସାନଘାଗରା, ବଡଘାଗରା, ଗୋନାସିକା, କାଞ୍ଜିପାଣି ଘାଟି, ଖଣ୍ଡାଧାର, ମୁର୍ଗା ମହାଦେବ, ହାଣ୍ଡିଭଙ୍ଗା, କେଶରୀକୁଣ୍ଡ, ରାଜନଗର (ରଘୁନାଥଜୀଉ), ମା'ତାରିଣୀ ପୀଠ ଘଟଗାଁ, ସୀତାବିଞ୍ଜି, ଗୁଣ୍ଡିଚାଘାଗି, କୁଶଳେଶ୍ୱର (ଦେଓଗାଁ), ହଦଗଡ, ଚକ୍ରତୀର୍ଥ ପୋଡାଶିଙ୍ଗା ଗଡଚଣ୍ଡୀ ପ୍ରଭୃତି ସ୍ଥଳୀଗୁଡ଼ିକ ମାନ୍ୟତା ପାଇ ସାରିଥିଲା। ଏବେ ତେଲକୋଇର ଟେଣ୍ଟେଇନାଳୀ ଜଳପ୍ରପାତ, ବାଂଶପାଳର ଗିରିଡିବନ୍ଧ ଜଳପ୍ରପାତ, ଆନନ୍ଦପୁରର ଦରଗଡଶୀଳା ପ୍ରାକୃତିକ ସୌନ୍ଦର୍ଯ୍ୟସ୍ଥଳ, ପାଟଣାର ଡାବରତୁଆ ଡ୍ୟାମ, ଘଟଗାଁ ବ୍ଲକର କାଇଁଝରେ ଜଳପ୍ରପାତ ଓ ବାରାହାଟିପୁରା ଶୈବପୀଠ, ଝୁମ୍ପୁରା ବ୍ଲକର କାଇଯୋଡା ଜଳପ୍ରପାତ ଆଦି ୭ଟି ନୂତନ ପର୍ଯ୍ୟଟନସ୍ଥଳ ମାନ୍ୟତା ଦିଆଯାଇଛି। ନୂତନ ଭାବେ ଏହି ୭ଟି ସ୍ଥଳୀ ପର୍ଯ୍ୟଟନ ବିଭାଗର ମାନ୍ୟତା ପାଇବା ପରେ ଜିଲ୍ଲାର ମାନ୍ୟତାପ୍ରାପ୍ତ ପର୍ଯ୍ୟଟନସ୍ଥଳୀ ସଂଖ୍ୟା ୨୩ ହୋଇଛି।

**ଆଗରୁ ଥିଲା ୧୬, ବଢ଼ିଲା ୭**



ଆନନ୍ଦପୁର ଗାଡ଼ି ଗୋସେଇଁ ପୀଠରେ ଅଗ୍ନି ଉତ୍ସବ

## ଅଶ୍ଳୀଳ ଫଟୋ ଭାଇରାଲ: ଯୁବକ ଗିରଫ

**ଆନନ୍ଦପୁର, ୧୨।୨(ସମିସ):** ଗତବର୍ଷର ଏକ ମାମଲାରେ ପୁଲିସ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଜଣେ ଯୁବତୀଙ୍କ ସହ ଘସିପୁରା ଥାନା ଜୈନିପୁରା ଗାଁର ବିଟୁନ ପୁହାଣଙ୍କ ପ୍ରେମ ସମ୍ପର୍କ ରହିଥିଲା। ଏହି ସମୟରେ ଯୁବତୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇଥିଲା। ପରେ ତାକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ କରୁଥିବା ଅଭିଯୋଗ ହୋଇଥିଲା। ବିଟୁନ ପୁହାଣ ଯୁବତୀଙ୍କୁ ବ୍ଲାକମେଲ୍ କରୁଥିବା ଏବଂ ତାଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଉଥିବା ନେଇ ଆନନ୍ଦପୁର ଥାନାରେ ରୁଜୁ ହୋଇଥିବା ଏହି ମାମଲାର ତଦନ୍ତକ୍ରମରେ ଥାନାଧିକାରୀ ଇନ୍ସପେକ୍ଟର ଲକ୍ଷ୍ମୀକାନ୍ତ ପ୍ରଧାନ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ଅଭିଯୁକ୍ତ ବିଟୁନକୁ ଗିରଫ କରିଛନ୍ତି। ଅଭିଯୁକ୍ତକୁ କୋରାପୁଟ ଜିଲ୍ଲା ଦାମନଯୋଡ଼ି ଅଞ୍ଚଳରୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ତଦନ୍ତ ଟିମରେ ସବଇନ୍ସପେକ୍ଟର ଜନ ପଟ୍ଟନାୟକ, ଇନସପେକ୍ଟର ଚିନ୍ତାମଣି ନାଏକ ରହିଥିଲେ।

## ସ୍ୱତନ୍ତ୍ର ଟିମ୍‌ର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ତୁରୁମୁଙ୍ଗା, ୧୨।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମଲ୍ଲୀପଶି ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ବୁଧବାର ଜାତୀୟ ସ୍ତରର ଗୁଣବତ୍ତା ମାନ ପରୀକ୍ଷା କରିବାକୁ ଏକ ଟିମ୍ ପହଞ୍ଚିଥିଲେ। ଭର୍ଚୁଆଲ ମୋଡରେ କେନ୍ଦ୍ରସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ ଏହି ଉପକେନ୍ଦ୍ରରେ ଉପଲବ୍ଧ କି ନୁହଁ ତାହାର ଯାଞ୍ଚ କରିଥିଲେ। ଆଭାସି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୋଗାଇ ଦେଇଥିବା ସେବା, ରୋଗୀ ଅଧିକାର, ଯୋଗାଣ ସହାୟ ସେବା, ଚିକିତ୍ସା ସେବା, ସଂକ୍ରମଣ ପ୍ରତିରୋଧ, ଗୁଣବତ୍ତା ଅନ୍ତଃକରଣ, ଫଳାଫଳ ଆଦି ୧୨ଟି ବିଭିନ୍ନ ସେବା ଉପରେ ଯାଞ୍ଚ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଶୁଭେନ୍ଦୁ ସାଗର, କୁମାର ନାଏକଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଡାକ୍ତର ହିମାଂଶୁ ସାହୁ, ଡାକ୍ତର ଅଭିଷେକ ଷଡଙ୍ଗୀ, ଡାକ୍ତର ଲକ୍ଷ୍ମଣ ରାଉଳ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ବିପିଏମ ଦୀପକ ନାୟକ, ଭିବିଟିଡିଏସ ଜଗନ୍ନାଥ ସାହୁ, ଏସଟିଏସ ତପନ ଜେନାଙ୍କ ସହ ବିଭିନ୍ନ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ ସ୍ୱାସ୍ଥ୍ୟ କର୍ମୀମାନେ ଯୋଗ ଦେଇଥିଲେ।

## ରାସ୍ତାକଡ଼ରେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର

**ରାମଚନ୍ଦ୍ରପୁର, ୧୨।୨(ସମିସ):** ଦୀର୍ଘ ଦିନ ହେଲା ବିନା ତାରବାଡ଼ାରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର୍। ଧୀରସାହି ବାଙ୍କରେ ଦୀର୍ଘ ଦିନ ହେଲା ରହିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ପକାଇ ନାହାନ୍ତି। ଅଭିଯୋଗ ହୋଇଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନାହିଁ। ଟ୍ରାନ୍ସଫର୍ମରଟି ରାସ୍ତା କଡ଼ରେ ଖୋଲା ମେଲାରେ ଥିବାରୁ ସେହି ରାସ୍ତା ଦେଇ ଅନେକ ସମୟରେ ଯିବା ଆସିବା କରୁଥିବା ଲୋକଙ୍କ ପାଇଁ ତାହା ବିପଦ ସାଜିଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ଟ୍ରାନ୍ସଫର୍ମର ଚାରିଆଡ଼େ ତାରବାଡ ବ୍ୟବସ୍ଥା କରାଇବାକୁ ଲୋକେ ଦାବି କରିଛନ୍ତି।



ଅନେକ ସମୟରେ ବୁଲା ଗାଈଗୋରୁଙ୍କ ପାଇଁ ସାଜୁଛି କାଳ। ରାମଚନ୍ଦ୍ରପୁର ବିଦ୍ୟୁତ ସେକ୍ସନ ଅଧନ ପୁରୁଣାବାନ୍ଧଗୋଡା

## ଦାଦନ ଦୁଃଖ; ଚେନ୍ନାଇରେ ଗଲା ଜୀବନ

**ରାମଚନ୍ଦ୍ରପୁର,୧୨।୨(ସମିସ):** ଗାଁରେ କାମଧନ୍ଦା ନମିଳିବାରୁ ପରିଣତ ବୟସରେ ବି ସୁଦୂର ଚେନ୍ନାଇକୁ ଯାଇ ସୁରକ୍ଷା କର୍ମଚାରୀ ଭାବେ ନିଜକୁ ନିୟୋଜିତ କରିଥିଲେ। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ନାଉକଣା ଗ୍ରାମର ରାମଚନ୍ଦ୍ର ପାତ୍ର (୬୫)ଙ୍କ ସେଠାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏପରିକି ତାଙ୍କ ମରଶରୀର ଆଣିବାକୁ ପରିବାର ଅସମର୍ଥ ହୋଇଥିବା ଜଣାପଡ଼ିଛି। ବହୁ କଷ୍ଟରେ ତାଙ୍କ ପାର୍ଥିବ ଶରୀରକୁ ଗାଁକୁ ଅଣାଯାଇ ଶେଷ ସଂସ୍କାର କରିଥିବା ଜଣାପଡ଼ିଛି। ମାସିକ ଯାହା ଦରମା ମିଳେ ନିଜେ ଚଳି ଘରକୁ ପଠାଉଥିଲେ ରାମଚନ୍ଦ୍ର। ଅଚାନକ ଅଜଣା ରୋଗର ଶିକାର ହେବା ସହ ହୃଦଘାତ ହୋଇଥିଲା। ତାଙ୍କୁ ଚେନ୍ନାଇସ୍ଥିତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳ ୯ଟା ସମୟରେ ରାମଚନ୍ଦ୍ରଙ୍କ ଜୀବନ ଦୀପ ଲିଭିଯାଇଛି। ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସ୍ୱାମୀ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ପୁରସ୍କାର ବିତରଣ

**ତୁରୁମୁଙ୍ଗା, ୧୨।୨(ସମିସ):** ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ପୁରସ୍କାର ବିତରଣ ସମାରୋହ ମଙ୍ଗଳବାର ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଅଶ୍ୱିନୀ ସାହୁ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଯୁଧିଷ୍ଠିର ମହାନ୍ତ, ଅଧ୍ୟାପକ ଜଗନ୍ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପକ୍ଷରୁ ଯୁକ୍ତ ତିନିର ଶ୍ରେଷ୍ଠ ଛାତ୍ରୀ ଲିପ୍ସାରାଣୀ ମହାନ୍ତ ଓ ଯୁକ୍ତ ଦୁଇର ଶ୍ରେଷ୍ଠ ଛାତ୍ରୀ ଭାମାମଣି ମହାନ୍ତଙ୍କୁ ଦୀପ୍ତି ମେମୋରିଆଲ ପୁରସ୍କାର ଓ ଯୁକ୍ତ ତିନିର ଶ୍ରେଷ୍ଠ ଛାତ୍ର ଶୁଭ ପ୍ରକାଶ ମହାନ୍ତଙ୍କୁ ଅନିରୁଦ୍ଧ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଶାନ୍ତିଲତା ମହାନ୍ତ, ଶ୍ରେଷ୍ଠ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଯୁକ୍ତ ଦୁଇର ଶାନ୍ତିଲତା ବେହେରା ଓ ଯୁକ୍ତ ତିନିର ଦେବବ୍ରତ ବେହେରାଙ୍କୁ ପୁରସ୍କାର ପ୍ରଦାନ ସହ ଶତାଧିକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




## ଜରଦା ଗାଁ ମୁରବୀଙ୍କ ପରଲୋକ

**ରାମଚନ୍ଦ୍ରପୁର,୧୨।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଜରଦା ଗ୍ରାମର ମୁରବୀ ଶତ୍ରୁଘନ ଜେନା (୭୩)ଙ୍କ ହୃଦଘାତରେ ପରଲୋକ ଘଟିଛି। ସେ କିଛି ଦିନ ହେଲା ଯକୃତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ବଦ୍ରିନାରାୟଣ ପାତ୍ର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ଜେନା ଗ୍ରାମର ବିଭିନ୍ନ ଅନୁଷ୍ଠାନ ସହ ସକ୍ରିୟ ଭାବେ ଜଡିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅମୂଲ୍ୟ ଜେନା ମୁଖାଗ୍ନି ଦେଇଥିଲେ।



## ଓରାଳିରେ ନନ୍ଦିପଦା ଆମ ପୁଲିସ ସମିତି ବୈଠକ

**ହାଟଡିହୀ,୧୨।୨(ସମିସ):** ନନ୍ଦିପଦା ଥାନା ଆମ ପୁଲିସ ସମିତି ବୈଠକ ଓରାଳି ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅନିଲ ସିଂ ଅଧ୍ୟକ୍ଷତା କରିଥିଲେ। ନନ୍ଦିପଦା ଥାନାଧିକାରୀ ଆଇପିଏସ ରାକେଶ ସାହୁ, ଥାନା ଇନସପେକ୍ଟର ରବିନ୍ଦ୍ର ପାତ୍ର, ଆମ ପୁଲିସ ସଦସ୍ୟ ସୁଧାଂଶୁ ଦକ୍ଷିଣ ରାୟ, କୃଷ୍ଣଚନ୍ଦ୍ର ଜେନା, କିଶୋର ଆଚାର୍ଯ୍ୟ, ବିରେନ୍ଦ୍ର ବିଶ୍ୱାଳ, ଧୁଶାସନ ସାହୁ, ସରପଞ୍ଚ ହରିଶ୍ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଆମ ପୁଲିସ ସମିତି ପକ୍ଷରୁ ଥାନାଧିକାରୀ ଆଇପିଏସ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଜିତରଞ୍ଜନ ବେହେରା, ଦୁର୍ଯ୍ୟୋଧନ ଜେନା, ଦିବ୍ୟାଭାରତୀ ବେହେରା, ଜୟଶ୍ରୀ ଜେନା, ଗୀତାଞ୍ଜଳି ମଲ୍ଲିକ, ବିଦ୍ୟୁଲତା ଦାସ, ସଚିନଦେବ ରାଉତ, ଗଙ୍ଗାଧର ସାହୁ, ନିର୍ମଳଚନ୍ଦ୍ର ଜେନା, ଅଜୟ ଦାସ, ସନ୍ତୋଷ ଧଳ, ସ୍କୁଲ ପରିଚାଳନା କମିଟ ସଦସ୍ୟ ତଥା ପୂର୍ବତନ ଏବିଇଓ ବିନୋଦ ରାଉତ, ସୁଦର୍ଶନ ସେଠୀ, ପ୍ରମୋଦ ଓଝା, ପ୍ରତାପଚନ୍ଦ୍ର ଜେନା ଯୋଗ ଦେଇଥିଲେ।

## ବଳରାମଧୀର ହାଇସ୍କୁଲରେ ବାର୍ଷିକ ଉତ୍ସବ

**ରାମଚନ୍ଦ୍ରପୁର,୧୨।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ବଳରାମଧୀର ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ବୌଦ୍ଧିକ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶାନ୍ତନୁ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସୁଧାରାଣୀ ଧୀର, ମୁଖ୍ୟବକ୍ତା ଭାବେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆଶୁତୋଷ ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବୈଷ୍ଣବ ସେନାପତି, ଶିକ୍ଷାକମିଟି ସଭାପତି ଦେବବ୍ରତ ପଟ୍ଟନାୟକ, ପଞ୍ଚସଖା ଶିକ୍ଷାସ୍ରୋତ ଅଧ୍ୟକ୍ଷ ସୌମେନ୍ଦ୍ର ଧୀର ପ୍ରମୁଖ ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ବଳରାମଧୀରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶିକ୍ଷକ ନାରାୟଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ବରିଷ୍ଠ ବର୍ଗରେ ଆଦିତ୍ୟ ମଲ୍ଲିକ, ରଚନା ମୁଣ୍ଡା, କନିଷ୍ଠ ବର୍ଗରେ ଅଭିଷେକ ସେନାପତି ଏବଂ ବାଳିକା ବିଭାଗରେ ଅନନ୍ଦିତା ପାଣି ଚାମ୍ପିଅନ ହୋଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ଅତିଶ ଜେନା,ବିଶ୍ୱଜିତ ଖୁଣ୍ଟିଆ, ଦେବପ୍ରସାଦ ସାହୁ, ଶୁଭ୍ରଜିତ ଧୀର, ରମାକାନ୍ତ ଘଡେଇ, ବାସନ୍ତୀ ରଣା, ଲକ୍ଷ୍ମୀଧର ରାଉତ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁରେଶ ଭୂୟାଁ ଧନ୍ୟବାଦ ଦେଇଥିଲେ।



## ଦେଓଗାଁରେ ବୁଣାକାର ତାଲିମ ଶିବିର

**ଆନନ୍ଦପୁର, ୧୨।୨ (ସମିସ):** ମହିଳାଙ୍କୁ ସଶକ୍ତ କରିବା ପାଇଁ ରାଘବପୁର ଗୃହଲକ୍ଷ୍ମୀ ଉତ୍ପାଦକଗୋଷ୍ଠୀପକ୍ଷରୁଟସରରୁକିପରିସୂତାକଟାମେସିନସାହାଯ୍ୟରେସୂତାବାହାର କରାଯାଇ ପାରିବ ସେ ଉଦ୍ଦେଶ୍ୟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଘସିପୁରା ବିଡିଓ ବିନିତା ବିଜୟିନୀ, କେନ୍ଦ୍ରୀୟ ରେସମ ବୋର୍ଡ କଟକର ସିନିଅର ଟେକନିକାଲ ଆସିଷ୍ଟାଣ୍ଟ ନିଖିଳେଶ ପଣ୍ଡା ଏବଂ ଟେକ୍ନିସିଆନ ପ୍ରଦୀପ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଅଧିକ ମହିଳା ପାଞ୍ଚ ଦିନ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଜଙ୍ଗଲ ନିଆଁ ନିବାରଣ ସଚେତନତା

**ନାରଦପୁର,୧୨।୨(ସମିସ):** ଚମ୍ପୁଆ ବନାଞ୍ଚଳ ଅନ୍ତର୍ଗତ ବାଲିବନ୍ଧ ସେକ୍ସନର ବାଘିଆନସାଠାରେ ଆଜି ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିବନ୍ଧ ସେକ୍ସନ ଫରେଷ୍ଟର ବୁଲୁ ନାହାକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଚମ୍ପୁଆ ବନାଞ୍ଚଳ ଅଧିକାରୀ ଏସିଏଫ୍ ଅକ୍ଷୟ ଛତ୍ରିୟା, ସମ୍ମାନିତ ଅତିଥି ଭାବେ ନହବେଡା ସରପଞ୍ଚ ମନ୍ମଥ ତିଉ, ନାଏବ ସରପଞ୍ଚ ବଦ୍ରିକା ମହାନ୍ତ, ସାଂସଦ ପ୍ରତିନିଧି ବୃନ୍ଦାବନ ମହାନ୍ତ, ବାଘିଆନସା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶୀଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଭା ଶେଷରେ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମକୁ ବନରକ୍ଷୀ କିରାଣି ମହାରଣା ଓ ଜ୍ଞାନରଂଜନ କର, ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଉଦୟ ନାଥ ହୋ ପ୍ରମୁଖ ପରିଚାଳନା କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତି ସଦସ୍ୟ, କାର୍ଯ୍ୟରତ ଗଜସାଥୀ, ଏଲିଫେଣ୍ଟ ସ୍କ୍ୱାଡ, ସମିତିସଭ୍ୟ, ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।

## ଜଙ୍ଗଲରେ ନିଆଁ ଲଗାଇ ୨ ଦୁର୍ବୃତ୍ତ ଗିରଫ



**ତୁରୁମୁଙ୍ଗା, ୧୨।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ଗୋରାଣ୍ଡିଯୋଡି ବିଟ୍ ଅନ୍ତର୍ଗତ ପ୍ରଧାନପଡା ସଂରକ୍ଷିତ ଜଙ୍ଗଲରେ ବୁଧବାର ସନ୍ଧ୍ୟାରେ ନିଆଁ ଲଗାଉଥିବା ସମୟରେ ଦୁଇ ଦୁର୍ବୃତ୍ତଙ୍କୁ ବନ ବିଭାଗ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପାଟଣା ଥାନା ପ୍ରଧାନପଡା ଗ୍ରାମର ବିକାଶ ଦେହୁରୀ(୨୬) ଏବଂ ମୟୂରଭଞ୍ଜ ଯଶିପୁର ଥାନା ବଡ଼ବିଲ ଗ୍ରାମର ଦିବାକର ପାତ୍ର(୪୩)। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ। ମ୍ୟାଚିସ ବକ୍ସ ସହ ଗୋଟିଏ ଟାଙ୍ଗିଆ ଓ ଦୁଇଟି ମୋବାଇଲ ଫୋନ ଜବତ କରିଛି ବନ ବିଭାଗ। ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟ ନେଇ ଉଭୟେ ନିଆଁ ଲଗାଉଥିଲେ। ସାହାରପଡା ବନପାଳ ଭୂପତି ସେଠୀ, ବନରକ୍ଷୀ ରଞ୍ଜିତା ମହାନ୍ତ, ଦୀପକ ରଣା ପାଟ୍ରୋଲିଂ କରୁଥିବା ସମୟରେ ଦୁଇ ଦୁର୍ବୃତ୍ତଙ୍କୁ ଧରିଛନ୍ତି।

## ରେକୁଟିରେ ଅଗ୍ନି ଉତ୍ସବ ପାଳିତ



**ତେଲକୋଇ,୧୨।୨(ସମିସ):** ତେଲକୋଇ ବ୍ଲକ ଅନ୍ତର୍ଗତ କାଳିଆହତା ପଞ୍ଚାୟତ ରେକୁଟି ଗ୍ରାମରେ ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଯଜ୍ଞ କରି ପୂଜାପାଠ କରିଥିଲେ। ଏହି ଅବସରରେ ଗ୍ରାମରେ ତିନି ଦିନ ଧରି ବାଦି ପାଲା ଅନୁଷ୍ଠିତ ହେବ। ଏହି ବାଦିପାଲା ପାଇଁ ପୁରୀ ଜିଲ୍ଲାର ଚିଲିକା ପାରିକୁଦର ଗାୟକ ବାଣିଭୂଷଣ ଗୋପାଳକୃଷ୍ଣ ଜେନା ଓ ଜଗତସିଂପୁର ଜିଲ୍ଲାର ମାଛଗାଁର ଗାୟକ ପ୍ରବୀର ସନାତନ ଦାସ ପାଲା ପରିବେଷଣ କରିବେ।

